





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୩ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 03 August 2024
Vol.No. 35 ■ No.208 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଖୁବ୍‌ଶୀଘ୍ର ମୋ ଘରେ ପଶିବ ଇଡି: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୨/୮ : 'ଏକବିଂଶ ଶତାବ୍ଦୀରେ ଭାରତକୁ ଚକ୍ରବ୍ୟୁହରେ ଫସାଯାଇଛି । ବର୍ତ୍ତମାନ ଦେଶ ଭୟର ବାତାବରଣରେ ବଞ୍ଚିଛି । ଏହି ଭୟ ପ୍ରତି କୋଣକୁ ବ୍ୟାପି ଯାଇଛି ।' ଗତ ୨୯ ତାରିଖରେ ଲୋକସଭାରେ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏପରି ମନ୍ତବ୍ୟ ଦେଇଥିବା ବେଳେ ଏହାକୁ ନେଇ ଆରମ୍ଭ ହୋଇଥିଲା ଝଡ଼ । ଏବେ ଏହି ବୟାନକୁ ନେଇ ବିଜେପି ତାଙ୍କୁ ଟାର୍ଗେଟ କରିବାକୁ ଯୋଜନା କରିଥିବା କହିଛନ୍ତି ରାହୁଲ । ରାହୁଲ କହିଛନ୍ତି, ମୋର ଚକ୍ରବ୍ୟୁହ ଭାଷଣ ସେମାନଙ୍କୁ ପସନ୍ଦ ଆସିନି । ତେଣୁ ସେମାନେ ମୋ'ଠୁ ପ୍ରତିଶୋଧ ନେବାକୁ ଯୋଜନା କରୁଛନ୍ତି । ଇଡି ଦ୍ୱାରା ମୋ' ଘରେ ରେଡ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏକଥା ମୁଁ ନୁହେଁ, ଇଡିରେ କାର୍ଯ୍ୟରତ କିଛି ଖାସ ଲୋକ ମୋତେ ସୂଚନା ଦେଇଛନ୍ତି । ନିଜ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସରେ ସୂଚନା ଦେଇ ସେ କହିଛନ୍ତି, କିଛି ବିଶ୍ୱସ୍ତ ଲୋକଙ୍କ ସୂତ୍ରରୁ ଜାଣିବାକୁ ପାଇଛି, ମୋ' ଘର ଉପରେ ରେଡ କରିବା ନିମନ୍ତେ ଇଡି ଯୋଜନା କରୁଛି । ମୁଁ ଇଡିକୁ ସ୍ୱାଗତ କରିବାକୁ ଅନାଇ ବସିଛି, ଚା' ଓ ବିସ୍କୁଟ ମୋ' ତରଫରୁ ନିହାତି ଭାବେ ଦେବି । ଗତ ୨୯ ତାରିଖରେ ଲୋକସଭାରେ ରାହୁଲ ଗାନ୍ଧି ମହାଭାରତର ଚକ୍ରବ୍ୟୁହ ଉଦାହରଣ ଦେଇ କହିଥିଲେ, ଅଭିମନ୍ୟୁଙ୍କ ଭଳି ଭାରତକୁ ପଦ୍ମବ୍ୟୁହରେ ଫସା ଯାଇଛି । ବିଜେପି ପଦ୍ମବ୍ୟୁହ କରି ଭାରତକୁ ଫସାଇଛି, ଇଣ୍ଡିଆ ବ୍ଲକ୍ ଏହାକୁ ଭାଙ୍ଗିବ । ଇଣ୍ଡିଆ ମେଣ୍ଟ ଜାତିଗତ ଜନଗଣନା କରି ବିଜେପିର ପଦ୍ମବ୍ୟୁହକୁ ଭାଙ୍ଗିବ । କେନ୍ଦ୍ର ବଜେଟକୁ ମଧ୍ୟ ସମାଲୋଚନା କରି ରାହୁଲ ଗାନ୍ଧି କହିଥିଲେ, ବଜେଟରେ ଟିକସ ଟେରୋରିଜିମ ସମସ୍ୟାର ସମାଧାନ ହୋଇନାହିଁ । ଏହି ବଜେଟ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ହିତକର ନୁହେଁ । ସେ କହିଥିଲେ, 'ମୋର ଆଶା ଥିଲା ଏହି ବଜେଟ୍ 'ଚକ୍ରବ୍ୟୁହ 'ର ଶକ୍ତି ଦୁର୍ବଳ କରିବ । ଦେଶର କୃଷକମାନଙ୍କୁ ସାହାଯ୍ୟ କରିବ, ଯୁବକମାନଙ୍କୁ ସାହାଯ୍ୟ କରିବ, ଶ୍ରମିକମାନଙ୍କୁ ଏବଂ କ୍ଷୁଦ୍ର ବ୍ୟବସାୟକୁ ସାହାଯ୍ୟ କରିବ । କିନ୍ତୁ ମୁଁ ଯାହା ଦେଖୁଛି, ଏହି ବଜେଟର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଏକଚାଟିଆ ବ୍ୟବସାୟ ଢାଞ୍ଚାକୁ ଦୃଢ କରିବା । ଏଥିସହ ସେ କହିଥିଲେ, ବିଜେପିରେ କେବଳ ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖିବାକୁ ଅନୁମତି ଦିଆଯାଇଛି । ଯଦି ପ୍ରତିରକ୍ଷା ମନ୍ତ୍ରୀ ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା କରିବେ, ତେବେ ବଡ଼ ସମସ୍ୟା ହୋଇଯିବ । ଏଥିପାଇଁ ସେ ମଧ୍ୟ ଭୟରେ ଅଛନ୍ତି । ଏହି ଭୟ ସାରା ଦେଶରେ ବ୍ୟାପିଛି ବୋଲି ରାହୁଲ ଗାନ୍ଧି କହିଛନ୍ତି । ଏହାପରେ ବିଜେପି ଆକ୍ରାମକ ହୋଇ ଯାଇଥିବା ବେଳେ ପ୍ରତିଶୋଧ ନେବାକୁ ତାଙ୍କୁ ଇଡି ଜାଲରେ ପକାଇ ହଇରାଣ କରିବାକୁ ଚେଷ୍ଟା କରୁଛି ବୋଲି କହିଛନ୍ତି ରାହୁଲ ଗାନ୍ଧି ।

## ୟୁପିରୁ ଆଳୁ ଆଣି ଦିଦିଙ୍କୁ ଚେକ୍: ଓଡ଼ିଶାକୁ ଆଉ ନାଲି ଆଖି ଦେଖାଇପାରିବନି ବେଙ୍ଗଲ



ଭୁବନେଶ୍ୱର, ୨/୮ (ନି.ପ୍ର):ପଶ୍ଚିମବଙ୍ଗର ବିକଳ୍ପ ସାଜି ପାରିବ ତ ଉତ୍ତର ପ୍ରଦେଶ ? ପୂରଣ କରି ପାରିବ ତ ଓଡିଶାର ଆଳୁ ଆବଶ୍ୟକତା ? ୟୁପିରୁ ଆଳୁ ଆଣିଲେ କେତେ ଅଧିକ ପଡିବ ? କାହିଁକି ନା ଦୂରତା ଅଧିକ ହେଉଥିବାରୁ ପରିବହନ ଖର୍ଚ୍ଚ ବଢ଼ିଯିବ । ତେଣୁ ଦର ଅଧିକା ହେବା ସ୍ୱାଭାବିକ । ପଡୋଶୀ ପଶ୍ଚିମବଙ୍ଗ ବଦଳରେ ୟୁପିରୁ ଆଳୁ ଆଣିବାକୁ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ପରେ ଗ୍ରାହକ ଆଉ ବ୍ୟବସାୟୀଙ୍କ ମଧରେ ଏବେ ଏହି ଚର୍ଚ୍ଚା । ଏପଟେ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇ ନଥିଲେ ମଧ ଅଧିକ ଆଳୁ ପହଞ୍ଚିବା ପରେ କମିଛି ଆଳୁ ଦର । ଆଳୁ ପାଇଁ ଆଉ ଓଡ଼ିଶାକୁ କେହି କରି ପାରିବେନି ବ୍ଲାକମେଲ୍ । ଉତ୍ତର ପ୍ରଦେଶରୁ ଆଳୁ ଆଣି ପଶ୍ଚିମବଙ୍ଗକୁ ଚେକ୍ ଦେବାକୁ ରାଜ୍ୟ ସରକାରଙ୍କ ଉଦ୍ୟମ । ଯୋଗାଣ ମନ୍ତ୍ରୀ କହିଛନ୍ତି ଆଳୁ ପାଇଁ ପଶ୍ଚିମବଙ୍ଗ ସରକାର ବହୁତ ହଇରାଣ କରୁଛନ୍ତି, ବେପାରୀଙ୍କୁ ଦୁର୍ବ୍ୟବହାର କରାଯାଉଛି । ସୀମାରେ ପଶ୍ଚିମ ବଙ୍ଗ ▶▶ପୃଷ୍ଠା ୭

## ମମତାଙ୍କ ସ୍ଥାନରେ କିଏ ଯିବେ ରାଜ୍ୟସଭା ? ଚର୍ଚ୍ଚାରେ ମନମୋହନ ଆଗରେ



ଭୁବନେଶ୍ୱର, ୨/୮ (ନି.ପ୍ର): ରାଜ୍ୟସଭା ସାଂସଦ ପଦରୁ ମମତା ମହାନ୍ତ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ କିଏ ଯିବେ ରାଜ୍ୟସଭା । ଏହାରି ଭିତରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି । ତେବେ ଏହି ଚର୍ଚ୍ଚା ଭିତରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଯାହା କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ ସେ ଅନୁସାରେ କାର୍ଯ୍ୟ ହେବ । ଗଣମାଧ୍ୟମ ଚର୍ଚ୍ଚା କୌଣସି ଗୁରୁତ୍ୱ ରଖେନି । ଗଖଇ କ୍ୟାଣ୍ଡେଟ୍, ଗଚ କ୍ୟାଣ୍ଡେଟ୍, ରାଜ୍ୟସଭା ହେଉ କି ଲୋକସଭା ସବୁକିଛି ଦିଲ୍ଲୀରେ ସଂସଦୀୟ ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି । ମନମୋହନ ସାମଲଙ୍କ ସହ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ଗତ ନିର୍ବାଚନରେ ଟିକେଟ ପାଇନଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାଁ କୁ ନେଇ ବି ଚର୍ଚ୍ଚା ହେଉଛି । ▶▶ପୃଷ୍ଠା ୭

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨/୮ (ନି.ପ୍ର): ଉତ୍ତର ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଗାଙ୍ଗେଟିକ୍ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡକୁ ଲାଗି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗକୁ ଗତି କରି ୨୪ ଘଣ୍ଟାରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ସକ୍ରିୟ ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି । କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । । ଯଯପ୍ରବଳ ବର୍ଷା ନେଇ କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ପରବର୍ତ୍ତୀ ପୋଲିସ ଡିଜି ହୋଇପାରନ୍ତି ୱାଇ.ବି. ଖୁରାନିଆ



ଭୁବନେଶ୍ୱର, ୨/୮ (ନି.ପ୍ର): ପରବର୍ତ୍ତୀ ପୋଲିସ ଡିଜି ହୋଇପାରନ୍ତି ୱାଇ.ବି. ଖୁରାନିଆ । କେନ୍ଦ୍ରରୁ ଫେରିଲେ ଆଇପିଏସ୍ ୱାଇ.ବି ଖୁରାନିଆ । ବିଏସଏଫ୍ ସ୍ପେଶାଲ୍ ଡିଜି ୱାଇ.ବି ଖୁରାନିଆ କେନ୍ଦ୍ରରୁ ଫେରିଲେ । ଏନେଇ କେନ୍ଦ୍ର ଗୃହ ବ୍ୟାପାର ମନ୍ତ୍ରାଳୟର ଅନୁମୋଦନ । ଖୁରାନିଆଙ୍କ ପ୍ରତ୍ୟାବର୍ତ୍ତନ ପରେ ପରବର୍ତ୍ତୀ ଡିଜିପି ହେବା ନେଇ ବଢ଼ିଲା ଚର୍ଚ୍ଚା । ପୂର୍ବରୁ ପୋଲିସ କମିଶନର ଥିଲେ ଆଇପିଏସ୍ ଖୁରାନିଆ । ୧୯୯୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇପିଏସ୍ ୱାଇ.ବି ଖୁରାନିଆ ।

## ନିଆଁ ଲଗାଇଲେ ଢାଲି, ଘିଅ ଢାଳିଲେ ଅମର: ତାସ୍ ଘର ପରି ଭୁଶୁଡ଼ିବ କି ବିଜେଡି ?



ଭୁବନେଶ୍ୱର, ୨/୮ (ନି.ପ୍ର): ନବୀନଙ୍କୁ ଝଟକା ପାଇଁ ଅନେକ ବିଜେଡି ନେତା ଲାଇନରେ ଥିବା ଚର୍ଚ୍ଚା । ବିଜେଡି ବସା ଖାଲି ହୋଇଯିବ କହି ନିଆଁ ଲଗାଇଲେ ଢାଲି । ସଂଗଠନ ପରିବର୍ତ୍ତନ ଲୋଡ଼ା ଦର୍ଶାଇ ଘିଅ ଢାଳିଲେ ଅମର । ତାସ୍ ଘର ଭଳି ଗଳି ପଡ଼ିବ କି ବିଜୁ ଜନତା ଦଳ ? ନେତୃତ୍ୱ ଉପରେ ଆଉ ପୂର୍ବ ଭଳି ଭରସା ପାଉନାହାନ୍ତି କି ନେତା ? ମମତା ମହାନ୍ତଙ୍କ ପରେ ଆଉ କିଏ ଦଳ ଡେଇଁବାକୁ ଚାହିଁ ବସିଛନ୍ତି ? ଏବେ ଏମିତି ଅନେକ ଚର୍ଚ୍ଚା ରାଜନୈତିକ ମହଲରେ ଘୁରି ବୁଲୁଛି । ଏହାରି ଭିତରେ ଅରବିନ୍ଦ ଢାଲିଙ୍କ ବିଜେଡି ବସା ଖାଲି ହୋଇଯିବା ସଂପର୍କିତ ବୟାନ ରାଜ୍ୟ ରାଜନୀତିକୁ ସରଗରମ କରିଛି । ସେପଟେ ମମତା ମହାନ୍ତ ଝଟ୍‌କା ପରେ ଶଙ୍ଖ ଭବନରେ ଆଜି ମୟୂରଭଂଜ ନେତାଙ୍କୁ ନେଇ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ନିଆଁ ଲଗାଇଲେ ଢାଲି । ଘିଅ ଢାଳିଲେ ଅମର । ମମତା ମହାନ୍ତ ବିଜେଡି ଛାଡି ବିଜେପିକୁ ଯିବା ପରେ ଶଙ୍ଖ ଦଳରେ ତୀବ୍ର ହେଲାଣି ବିବାଦ । ନିର୍ବାଚନ ପୂର୍ବରୁ ବିଜେଡି ଛାଡି ବିଜେପି ଯାଇଥିବା ଅରବିନ୍ଦ ଢାଲି ଆଜି ସାଂଘାତିକ ବୟାନ ଦେଇ କହିଛନ୍ତି, ବିଜେଡି ବସା ଖାଲି ହୋଇଯିବ । ଦଳରେ ବାକ୍ ସ୍ୱାଧିନତା ନଥିବାରୁ ସମସ୍ତେ ଅସନ୍ତୁଷ୍ଟ ଅଛନ୍ତି । ଯେଉଁଥିପାଇଁ ବିଜେଡି ବିଲିନ ହୋଇଯିବ । ସେହିପରି ପାଣ୍ଡିଆନ୍‌ଙ୍କୁ ନେଇ ବି କଡ଼ା ସମାଲୋଚନା କରିଛନ୍ତି ଢାଲି । ଆଉ ଢାଲିଙ୍କ ଏହି ବୟାନକୁ ଇଙ୍ଗିତରେ ସମର୍ଥନ କରିଛନ୍ତି ବରିଷ୍ଠ ବିଜେଡି ନେତା ଅମର ଶତପଥୀ । ସେ କହିଛନ୍ତି ଦଳର ଆମୂଳଚୂଳ ସଂଗଠନକୁ ଠିକ୍ କରାନଗଲେ ଆଗକୁ ବଡ଼ ଅଘଟଣ ଘଟିବ । ଅନ୍ୟପଟେ ବିଜେଡି ନିଜ ଗୋଷ୍ଠୀ କନ୍ଦଳକୁ ନେଇ ▶▶ପୃଷ୍ଠା ୭

## ଲାଗିଲା ବିଦ୍ୟୁତ୍ ଆଘାତ: ଚାଲିଗଲେ ମା'ପୁଅ

କୋରାପୁଟ, ୨/୮ (ନି.ପ୍ର): ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିଲା ପୁଅ । ଆଖି ଆଗରେ ଏପରି ଦୃଶ୍ୟ ଦେଖିଲେ କିପରି ମା' ସମ୍ଭାଳି ହେବ । ନିଜ ପୁଅକୁ ମରଣ ମୁହଁରୁ ଫେରାଇ ଆଣିବାକୁ ଯାଇ ମା'କୁ ଲାଗିଲା ବିଦ୍ୟୁତ୍ ଆଘାତ । ଫଳରେ ଏକସଙ୍ଗେ ଚାଲିଗଲେ ମା'ପୁଅ । ଏପରି ଏକ ହୃଦୟ ବିଦାରକ ଘଟଣା କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଜୟନ୍ତଗିରି ଗାଁରେ ଘଟିଛି । ମୃତକ ମା' ପୁଅ ହେଲେ ରମା ଅମାନାତ୍ୟ ଓ ତାଙ୍କ ପୁଅ ଦୁର୍ଯ୍ୟୋଧନ ଅମାନାତ୍ୟ । ଆଜି ସକାଳୁ ଦୁର୍ଯ୍ୟୋଧନ ଅମାନାତ୍ୟ ଘର ତାରରେ ଗାମୁଛା କାଢିବା ବେଳେ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିଥିଲା । ସେ ବିଦ୍ୟୁତ୍ ଆଘାତରେ ଛଟପଟ ହେଉଥିବା ଦେଖି ମା' ରମା ଅମାନାତ୍ୟ ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ । ମାତ୍ର ତାଙ୍କୁ ବି ବିଦ୍ୟୁତ୍ ଆଘାତ ଲାଗିଥିଲା । ମୃତ୍ୟୁବରଣ କରିଥିଲେ । ଏହାଦେଖି ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଓ ଶାଶୁ ଉଭୟଙ୍କୁ ବଞ୍ଚାଇବାକୁ ଯାଇଥିଲେ । ଉଭୟଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲେ ବି ସେମାନେ ବର୍ତ୍ତି ଯାଇଥିବା ଜଣାଯାଇଛି । ଏକାଥରେ ମା'ପୁଅଙ୍କ ମୃତ୍ୟୁ ପରିବାର ଲୋକଙ୍କୁ ଶକ୍ତ ଧକ୍କା ଦେଇଛି । ଏହି ଘଟଣା ପ୍ରଚାରିତ ହେବା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି ।

## ୱାୟନାଡରେ ପ୍ରକୃତିର ତାଣ୍ଡବ: ମୃତ୍ୟୁସଂଖ୍ୟା ୩୦୦ ଟପିଲା



ନୂଆଦିଲ୍ଲୀ, ୨/୮ : କେରଳର ୱାୟନାଡରେ ତାଣ୍ଡବ ରଚିଛି ପ୍ରକୃତି । ବନ୍ୟା ଓ ଭୂସ୍ଖଳନ ଚାଲି ଯାଇଛି ସତ, ହେଲେ ଛାଡ଼ିଯାଇଛି ପ୍ରଳୟର ଛାପ । ଯେଉଁଠି ଖୋଜିଲେ, ସେଇଠୁ ମିଳୁଛି ଶବ । ସଦ୍ୟତନ ରିପୋର୍ଟ ଅନୁସାରେ, ମୃତ୍ୟୁସଂଖ୍ୟା ୩୦୦ ପାର୍ ହୋଇଛି । ସୂଚନା ଅନୁସାରେ, ୱାୟନାଡ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୩୦୮ରେ ପହଞ୍ଚିଛି । ଉଦ୍ଧାର କାର୍ଯ୍ୟକୁ ଚାରି ଦିନ ବିତି ସାରିଥିଲେ ମଧ ଏବେ ବି ମାଟି ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ସେପଟେ ଶତାଧିକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇ ଥିବାବେଳେ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇ ରିଲିଫ କ୍ୟାମ୍ପରେ ରଖାଯାଇଛି । ଭାରତୀୟ ସେନା, ଘଉଜର, କୋଷ୍ଟଗାର୍ଡ ଏବଂ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ଗତକାଲି କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ୱାୟନାଡ ଗସ୍ତ କରି ▶▶ପୃଷ୍ଠା ୭

## ଇଲେକ୍ଟୋରାଲ ବଣ୍ଡ ମାମଲାରେ ହେବନି ଏସଆଇଟି ଯାଞ୍ଚ: ସୁପ୍ରିମକୋର୍ଟ ଖାରଜ କଲେ ଆବେଦନ



ନୂଆଦିଲ୍ଲୀ, ୨/୮ : ପ୍ରତ୍ୟାହୃତ ହୋଇ ସାରିଥିବା ନିର୍ବାଚନୀ ବଣ୍ଡ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ହୋଇଥିବା ଆବେଦନକୁ ଆଜି ସୁପ୍ରିମକୋର୍ଟ ଖରାଜ କରି ଦେଇଛନ୍ତି । ନିର୍ବାଚନୀ ବଣ୍ଡ ଜରିଆରେ ବିଭିନ୍ନ ରାଜନୀତିକ ଦଳ ପାଇଥିବା ଚାନ୍ଦାର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ ଏସ୍‌ଆଇଟି ଦ୍ୱାରା କରିବାକୁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା । କିନ୍ତୁ ଏହାକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି । ବିଭିନ୍ନ ରାଜନୀତିକ ଦଳ ଓ କର୍ପୋରେଟ ଡୋନର ବା ଚାନ୍ଦା ଦାତାଙ୍କ ମଧ୍ୟରେ ନିର୍ବାଚନୀ ବଣ୍ଡ ଜରିଆରେ ଅନୈତିକ ଡିଲ୍ ହୋଇଥିବା ଅଭିଯୋଗ ହୋଇଛି । ବିଭିନ୍ନ ରାଜନୀତିକ ଦଳ ବିଶେଷ କରି କ୍ଷମତାରେ ଥିବା ଦଳଗୁଡ଼ିକ ବଡ଼ବଡ଼ ବ୍ୟବସାୟୀ ଓ ସଂସ୍ଥାମାନଙ୍କ ଠାରୁ ଚାନ୍ଦା ଦେଇ ସେମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିବା ଅଭିଯୋଗ ହୋଇଛି । ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି ଯେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧକ୍ଷତାରେ ଏବେ ଠାରୁ ତଦନ୍ତ ନିର୍ଦ୍ଦେଶ ଦେବା ଅପରିପକ୍ୱ ଓ ଅନୁଚିତ ହେବ । ଆବେଦନକାରୀ ସାଧାରଣ ଆଇନ ବ୍ୟବସ୍ଥା ଅନୁଯାୟୀ ନିଜର ଅଭିଯୋଗ ଦାଖଲ କରିପାରିବେ । ଯଦି ସେମାନଙ୍କ ଅଭିଯୋଗର ତଦନ୍ତ ନ ହେବ କିମ୍ବା ରିପୋର୍ଟ ଦାଖଲ କରା ନ ଯିବ, ତା'ହେଲେ ଆବେଦନକାରୀ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଆସିପାରୀବେ । ନ୍ୟାୟିକ ସମୀକ୍ଷାର ଆବଶ୍ୟକ ଥିବାରୁ କୋର୍ଟ ନିର୍ବାଚନୀ ବଣ୍ଡର ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ । କିନ୍ତୁ ଏହା ସହ ଜଡ଼ିତ ଅପରାଧିକ ଦିଗର ତଦନ୍ତ ଆଇନ ଅନୁସାରେ କରାଯାଇ ପାରିବ । ଅଭିଯୋଗର ତଦନ୍ତ ଯଦି ନ ହେବ, ତା'ହେଲେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବେ । କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ । ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲେ । ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୀତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ । ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ । କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ ।

## ଯେକୌଣସି ସମୟରେ ଆରମ୍ଭ ହୋଇପାରେ ଇରାନ-ଇସ୍ରାଏଲ ଯୁଦ୍ଧ

ନୂଆଦିଲ୍ଲୀ, ୨/୮ : ଇସ୍ରାଏଲ ଓ ଇରାନ ମଧରେ ଯୁଦ୍ଧ ସମ୍ଭାବନା ଆହୁରି ବଢିଯାଇଛି । ହାମାସ ମୁଖ୍ୟ ଇସମାଇଲ ହାନିଆଙ୍କୁ କତାରରେ ଅନ୍ତିମ ସଂସ୍କାର କରାଯାଇଛି । ଏହାପରେ ଇରାନ ଏବେ ଇସ୍ରାଏଲଠାରୁ ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେଇଛି । ଏହାକୁ ଦୃଷ୍ଟିରେ ରଖି ତେଲ-ଆବିବସ୍ଥିତ ଭାରତୀୟ ଦୂତାବାସ ନିଜ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଛି । ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ରାଏଲରେ ରହୁଥିବା ସମସ୍ତ ଭାରତୀୟଙ୍କୁ ଅନାବଶ୍ୟକ ଯାତ୍ରା ନ କରିବାକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ସତର୍କତା ଏବଂ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ପ୍ରୋଟୋକଲ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ଦେଶର କୌଣସି ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରନ୍ତୁ ନାହିଁ । ଆଶ୍ରୟଗୃହ ନିକଟରେ ରୁହନ୍ତୁ । ଆମେ ଇସ୍ରାଏଲ ସରକାରଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛୁ ଏବଂ ଆମ ନାଗରିକଙ୍କ ସୁରକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ପରିସ୍ଥିତି ଉପରେ ନଜର ରଖିଛୁ । କୌଣସି ପ୍ରକାର ଜରୁରୀକାଳୀନ ପରିସ୍ଥିତିରେ ଦୂତାବାସ ସହ ୨୪ ଘଣ୍ଟିଆ ଯୋଗାଯୋଗ କରିପାରିବେ । ଏହା ବ୍ୟତୀତ ସେମାନେ ଦୂତାବାସର ୱେବସାଇଟରେ ମଧ୍ୟ ଯୋଗାଯୋଗ କରିପାରିବେ ।

# କୌଶଳ ରଥ ପରିକ୍ରମା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨/୦୮ (ନି.ପ୍ର): ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେନତନତା ସୃଷ୍ଟି କରିବା ଲକ୍ଷ୍ୟରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଗଡ଼ିବ 'କୌଶଳ ରଥ।' ଏହି କୌଶଳ ରଥର ବାଧାମୁକ୍ତ ପରିକ୍ରମା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଅପରାହ୍ଣ ୫ଘଟିକା ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡ଼ା, ଡେରାବିଶ ବିଡିଓ ଦାଶରଥି ଜେନା, ମହାକାଳପଡ଼ା ବିଡିଓ ସାଗର ନନ୍ଦ, ରାଜନଗର ବିଡିଓ ନିଶାନ ମିଶ୍ର, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଦେବବ୍ରତ ଡଲାର, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲିକ, ଅତିରିକ୍ତ ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଡିଏସ୍‌ଏସ୍‌ଓ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଓରମାସ୍‌ର ଡେପୁଟି ସିଇଓ ନୀରୋଦ କୁମାର ଜେନା, ସରକାରୀ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଗୁଣନିଧି ପ୍ରଧାନ, ସରକାରୀ ଆଇଟିଆଇର ଅଧ୍ୟକ୍ଷ ସଞ୍ଜିବ କୁମାର ରାୟସିଂ, ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ଏହି କୌଶଳ ରଥ ପରିକ୍ରମା କରିବ। ଅଗଷ୍ଟ ୪ ତାରିଖ ଦିନ ଅପରାହ୍ଣ ୫ଘଟିକା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ରଥକୁ ପଂଚୁପାଣ୍ଡବ ଠାରେ ସ୍ୱାଗତ କରାଯିବ। ଅଗଷ୍ଟ ୫ ତାରିଖ ଦିବା ୧୦ ଘଟିକା ସମୟରେ ଛତାସ୍ଥିତ ସରକାରୀ ପଲିଟେକ୍‌ନିକ୍ ଠାରୁ ଏହି ରଥର ଶୁଭାରମ୍ଭ କରାଯିବ। ସମସ୍ତ ୯ଟି ବ୍ଲକ୍‌ର ବିଭିନ୍ନ ସ୍କୁଲ୍ କଲେଜ ପରିକ୍ରମା କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହା ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତାର ବାର୍ତ୍ତା ବାଂଟିବ।

# ମହୁଲ ପୋଚ ନଷ୍ଟ କରି ବାହାବା ନେଉଛି ଅବକାରୀ ବିଭାଗ: ମଦ ପ୍ରସ୍ତୁତକାରି ଗିରଫ କେବେ ?

ମୁଖୀଗୁଡା, ୨/୦୮ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ତୁମରିଖୋଲ ଜଙ୍ଗଲରେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ୩ଶହ ଲିଟର ଦେଶୀ ମଦ ସହ ୫ହଜାର କେଜି ମହୁଲପୋଚ ନଷ୍ଟ କରାଯାଇଛି ।ହେଲେ କେହି ଗିରଫ ହୋଇନାହାନ୍ତି । ମଦ ପ୍ରସ୍ତୁତ ପାଇଁ ବ୍ୟବହାର ହେଉଥିବା ୪୦ ଗୋଟି ପ୍ଲାଷ୍ଟିକ ଡ୍ରମ କୁ ପୋଡି ନଷ୍ଟ କରାଯାଇଛି । ତୁମରିଖୋଲ ଜଙ୍ଗଲରେ ଏଥି ପୂର୍ବରୁ ଅନେକ ଥର ଚଢଉ କରାଯାଇଛି ।କିନ୍ତୁ କିଏ ଏହି ମଦ ପ୍ରସ୍ତୁତ କରୁଛି ତାହା ଜଣାପଡୁ ନାହିଁ ।ସବୁ ଚଢ଼ାଉରେ ମଦ ପ୍ରସ୍ତୁତ କରୁଥିବା ଲୋକେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଚକମା ଦେଇ ଫେରାର ହେବାରେ ସଫଳ ହେଉଥିବା ବେଳେ ସେମାନଙ୍କୁ କିପରି ଧରିପାରୁ ନାହାଁନ୍ତି ବୋଲି ପ୍ରଶ୍ନ ଉଠୁଛି । ଏହି ଚଢ଼ାଉ କେବଳ ଭାଟି ମାଲକଙ୍କ ଇଙ୍ଗିତରେ ଓ ଲୋକ ଦେଖାଣିଆ ଭାବେ କରାଯାଉଛି ବୋଲି କୁହାଯାଉଛି ।ଅନ୍ୟପକ୍ଷରେ ଗାଁ ଗଣ୍ଡା, ଗଳିକନ୍ଦି, ସହର ବଜାର ସବୁଠି ଆଳୁ ପିଆଜ ପରି ମଦ ବିକ୍ରି ହେଉଥିବା ବେଳେ ଏହା ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଲୋକେ ଲୋକେ ପ୍ରଶ୍ନ କରିଛନ୍ତି ।ଗାଁଗାଁରେ ଥିବା ବେଆଇନ ମଦକୋଠୀ ଛାଡି କେବଳ ଅବକାରୀ ବିଭାଗ ଜଙ୍ଗଲୀ ଅପରେସନ କରି କେବଳ ମହୁଲପୋଚ ନଷ୍ଟ କରି କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ତାହା ଜନତାଙ୍କୁ ଚକିତ କରୁଛି।

# ଆନନ୍ଦମୟ ଶିକ୍ଷା ଉପରେ ୱାଇ.ସି.ଡି.ଏ.ର ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨/୦୮ (ନି.ପ୍ର): ଦୁଇଦିନ ଧରି ଏକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୱାଇ.ସି.ଡି.ଏ. ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଡି.ଆଇ.ଇ.ଟି. ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ଡି.ଆଇ.ଇ.ଟି. ପରିସରରେ ଆୟୋଜିତ ହୋଇଥିଲା। ବଲାଙ୍ଗୀର ଜିଲ୍ଲାର ବେଲପଡା ଓ ପୁଇଁନ୍ତଲା ବ୍ଲକର ୬୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଜ୍ୟୋତି କୁମାର ଦାଶ (ପ୍ରିନସିପାଲ, ଡିଆଇଇଟି), ରାଜେନ୍ଦ୍ର ମେହେର (ମୁଖ୍ୟ କାର୍ଯ୍ୟ ନିର୍ବାହ ଅଧିକାରୀ ୱାଇସିଡିଏ), ଲୋକନାଥ ସୁନା (ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁଇଁନ୍ତଲା) ଓ ଜ୍ୟୋତି କୁମାର ରଥ (କାର୍ଯ୍ୟକ୍ରମ ପରିଚାଳକ ୱାଇସିଡିଏ) ଆଦି ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ଲୋକନାଥ ସୁନା ତାଙ୍କ ଅଭିଭାଷଣ ରେ ଶିକ୍ଷକମାନେ କିପରି ପିଲାଙ୍କର ଆଦର୍ଶ ଓ ଦାର୍ଶନିକ ହେବେ କହିଥିଲେ । ପରିଶେଷରେ ମୁଖ୍ୟ ଅତିଥି ଡ. ଜ୍ୟୋତି କୁମାର ଦାସ ସୁନ୍ଦର ଭାବରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ କିପରି ଚିନ୍ତମୁକ୍ତ ରହି ଆନନ୍ଦମୟ ଶିକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏକ ଦାୟିତ୍ୱବାନ ଶିକ୍ଷକ ହୋଇ ପରିବେ ତାହା ଉପରେ ଆଲୋକପାତ କରିଥିଲେ । ଦିର୍ଘ ଦୁଇ ଦିନ ଧରି ବିଭିନ୍ନ ଅଧିବେଶନ ରେ ଡି.ଆଇ.ଇ.ଟି. ର ତାଲିମ୍ ଦାତାମାନେ ଅନେକ ଶିକ୍ଷା ପଦ୍ଧତି ଉପରେ ଗାଲିମ ଦେଇଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଉପାୟରେ ଆନନ୍ଦମୟ ଶିକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦ୍ୱିତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ଡ. ଜ୍ୟୋତି କୁମାର ଦାଶ, ସୁଭ୍ରତା ଜେନା, ଆଂଚଳିକ ପରିଚାଳକ, ଡ. ସୁଧୀର ସାହୁ ସହ-ପ୍ରଫେସର ବି.ଏଡ୍. କଲେଜ, ଟୁ ଫିଟ୍ ଆହେଡ୍ ଟୁ ଗେଦର ପ୍ରୋଜେକ୍ଟୁ ଗୀତ "ଆସ ଆସ ଭାଇ ବୁହେନ୍ ପାଠ ପଢି କରି ହେମା ବଳବାନ" ଉନ୍ମୋଚନ କରିଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଧନ୍ୟବାଦ ଜ୍ଞାପନ କରି କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା । କାର୍ଯ୍ୟକ୍ରମକୁ ରଷାଲି ଦେବୀ ଓ ଯୋଗେଶ୍ୱର ପ୍ରଧାନ ପରିଚାଳନା କରିଥିବା ବେଳେ ଅନ୍ୟ ସହକର୍ମୀମାନେ ସହଯୋଗ କରିଥିଲେ।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ନିମାପଡ଼ା, ୨/୦୮ (ନି.ପ୍ର): ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆରମ୍ଭ ହୋଇଛି 'ଏକ ପେଡ ମା କେ ନାମ ' ଓ ମା ଙ୍କୁ ସଂମାନ ଦେବା ଓ ଓଡିଶାକୁ ଏକ ସବୁଜ ରାଜ୍ୟରେ ପରିଣତ କରିବା ଦିଗରେ ଗୁରୁତ୍ୱ ଦେଉଛନ୍ତି ସରକାର ଓ ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଗମ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅଧୀନ ଅରିଷଣ୍ଡ ପଂଚାୟତରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅରିଷଣ୍ଡ ପଂଚାୟତର ସରପଂଚ ଝିଲିଆ ସେଠି ପୂର୍ବତନ ମନ୍ତ୍ରୀ ତଥା ବିଜେପି ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାଶ, ଗୋପ ବ୍ଲକ ଉପାଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ମହାରାଣୀ ସାଗର ଭିତରେ ମାଟି ମାପ କାମ କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ବଲାଙ୍ଗୀର, ୨/୦୮ (ନି.ପ୍ର): ମହାରାଣୀ ସାଗରରେ ବର୍ଷା ପାଇଁ କାମ ବନ୍ଦ ଅଛି । କିନ୍ତୁ ମଙ୍ଗଳବାର ଦିନ ୧୨ ଟାରେ ମୁନିସିପାଲିଟି ଏମଇ ପି. ନାଏକ ଙ୍କ ଉପସ୍ଥିତି ରେ ମାଟି ଖୋଲା କାମର ମାପ ଚାଲିଥିବା ବେଳେ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ୧୧କେଭି ଇଲେକ୍ଟ୍ରି ତାର ସଂସ୍ପର୍ଶ ରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତ ଶ୍ରମିକ ଜଣକ ସ୍ଥାନୀୟ କାମାକ୍ଷାନଗରର ରାଜା(୩୦ ବର୍ଷ, ଜଣେ ଅଣ ଓଡ଼ିଆ ଶ୍ରମିକ) ବୋଲି ଜଣାପଡିଛି। ସୂଚନା ଅନୁସାରେ ମହାରାଣୀ ସାଗରରେ ପୋଖରୀ ଖୋଲା କାମ ସରିବା ପରେ ସେଠାରେ ହୋଇଥିବା ମାଟିକାମର ମାପଜୋଖ ଚାଲିଥିଲା। ଠିକାଦାର ଜଣକ ଶ୍ରମିକ ରାଜାଙ୍କୁ ମାଟି ମାପଜୋଖ ପାଇଁ ପୋଖରୀ ଭିତରକୁ ପଠାଇଥିଲେ। ଆଲୁମିନିୟମ ମେସିନରେ ମାଟିମାପିବା ସହ ସେ ବାହାରକୁ ଆସୁଥିଲେ। ହେଲେ ସେଠାରେ ଥିବା ୧୧କେଭି ତାର ସହ ମେସିନ ଲାଗିଯିବାରୁ ଶ୍ରମିକ ରାଜାଙ୍କୁ କରେଣ୍ଟ ଲାଗି ଯାଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଲୋକମାନେ ତାଙ୍କୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ କୁ ବୋହି ଆଣିଥିଲେ। ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ରାଜାଙ୍କୁ ନିୟୋଜିତ କରିଥିବା ଠିକାଦାର ଲିଙ୍ଗରାଜ ମିଶ୍ରଙ୍କ କହିବା ଅନୁସାରେ ସେ ସେଠାରେ ନଥିଲେ। ଖବର ପାଇ ପହଂଚି ଦେଖିଲା ବେଳକୁ ମୃତ ରାଜା ଏବଂ ସୁଜିତ ବେହେରା ନାମକ ଜଣେ ବ୍ୟକ୍ତି ୧୧କେଭି ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଯିବାରୁ କରେଂଟ ଲାଗି ଯାଇଥିଲା। ଦୁଇଜଣଙ୍କୁ ମେଡିକାଲ ନିଆ ଯାଇଥିଲା। ସେଠାରେ ଡାକ୍ତର ରାଜାଙ୍କୁ ମୃତ ଘୋଷଣା କରିଥିବା ବେଳେ ସୁଜିତଙ୍କୁ ସାମାନ୍ୟ ଚିକିତ୍ସା ପରେ ଘରକୁ ପଠାଇ ଦେଇଥିଲେ। ମୃତ ରାଜାଙ୍କ ଏଠାରେ କେହି ନଥିବାରୁ ମୋ ପାଖରେ ରହୁଥିଲା ଏବଂ କାମ କରୁଥିଲା ବୋଲି ସେ କହିଛନ୍ତି। ମହାରାଣୀ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ମୁନିସିପାଲିଟି ଏମଇ ଶ୍ରୀ ନାଏକଙ୍କ କହିବା ଅନୁସାରେ ବର୍ଷା ଯୋଗୁଁ ମହାରାଣୀ ସାଗରର କାମ ବନ୍ଦ ଅଛି। ବହୁଲୋକ ସାଗରକୁ ବୁଲି ଯାଉଛନ୍ତି କାହାକୁ କଣ ହେଲା ଆମେ ଜାଣି ନାହୁଁ। ଜଣକୁ କରେଣ୍ଟେ ଲାଗିଥିବା ଶୁଣିଛି ବୋଲି କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ମୃତ ରାଜା ୧୧କେଭି ତାର କୁ କାହିଁକି ମେସିନ ସାହାଯ୍ୟ ରେ ଉପରକୁ କରୁଥିଲେ କ୍ଷ କେଉଁ ଏସଏଚଜି ଅଧିନରେ ସେ ଶ୍ରମିକ ଭାବରେ କାମ କରୁଥିଲେ, କି ଏସଏଚଜି ନାଁ ରେ କୌଣସି ଠିକାଦାର କାମ କରୁଥିଲେ। ଏସବୁର ତଦନ୍ତ ହେଲେ କିଏ ସତ କହୁଛି ତାହା ପଦାକୁ ଆସିବ। ଅନ୍ୟପଟେ ମୃତ ରାଜାଙ୍କ ଶବକୁ ପୁଲିସ ଜବତ କରିବା ଏବଂ ପୋଷ୍ଟମଟମ ପରେ ଘର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହ ତଦନ୍ତ ଚଳାଇଥିବା କହିଛି କ୍ଷ ମୃତ ରାଜାଙ୍କ ର ଏଠାରେ କେହି ନଥିବାରୁ ତାଙ୍କ ମୃତୁ ଘଟଣାକୁ ଚପେଇ ଦେବାକୁ ଚେଷ୍ଟା ଚାଲିଥିବା ଏବଂ ଠିକାଦାରଙ୍କ ଭୁଲ ଯୋଗୁଁ ଜଣେ ନିରୀହ ଶ୍ରମିକର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି।

# ରାଜଶ୍ରୀର ମନୋଜ୍ଞ ଆକାଶୀୟ ଆଲୋଚନା ଚକ୍ର ଏବଂ ଇପତ୍ରିକା ରାଜଶ୍ରୀ ଉନ୍ମୋଚିତ

କେନ୍ଦ୍ରାପଡ଼ା, ୨/୦୮ (ହି.ସ): ରାଜଶ୍ରୀ କଳା ଓ ସାହିତ୍ୟ ସଂସଦର ମାସିକ ବନ୍ଧୁ ମିଳନ ପର୍ବ ବୁଧବାର ସଂଧ୍ୟା ଘ ୭.୩୦ ମିନିଟ ସମୟରେ ଆବାସୀ ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମାସିକ ରାଜଶ୍ରୀ 'ଇ' ପତ୍ରିକାର ଜୁଲାଇ ସଂଖ୍ୟା ରଥଯାତ୍ରା ବିଶେଷାଙ୍କ 'ରାଜଶ୍ରୀ' କୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ତଥା ପ୍ରବକ୍ତା ପ୍ରଫେସର ଡ ହରିହର କାନୁନଗୋ ଉନ୍ମୋଚନ କରିଥିଲେ। ଇ ପତ୍ରିକାର ମୁଖ୍ୟ ସମ୍ପାଦକ ବରିଷ୍ଠ କବି ସଞ୍ଜୟ କୁମାର ରଥଙ୍କ ବଳିଷ୍ଠ ସମ୍ପାଦନା ଏବଂ ସଂଯୋଜିକା କବି ସୁପ୍ରିୟା ସାହୁଙ୍କ ଅଳଙ୍କରଣରେ ପତ୍ରିକାଟି ଲୋକାର୍ପିତ ହୋଇଥିଲା। ବରିଷ୍ଠ କବି ତଥା ଭାଷ୍ୟକାର ଅନାଦି ଚରଣ ମାହାଳି ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସୁନାମଧନ୍ୟ ପ୍ରାବନ୍ଧିକ ବାବାଜୀ ଚରଣ ଦାସ, କବି ଅର୍ଜୁନୀ ଚରଣ ବେହେରା, ବରିଷ୍ଠ କବି ବିପିନ ବିହାରୀ ବାରିକ, କବି ଶିଶିର କୁମାର ଜେନା, ନାଟ୍ୟକାର ଡ. ରମାକାନ୍ତ ନାୟକ, କବି ଡ ପ୍ରଦୀପ୍ତ କୁମାର ପଣ୍ଡା, କବି ପୂର୍ଣ୍ଣଚନ୍ଦ୍ର ମେହେର, କବି ଶ୍ରୀଧର ଭୋଳ ଏବଂ କବି ଡ ନିର୍ମଳ କୁମାର ନାୟକ ପ୍ରମୂଖ 'ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାରରେ ରାଜଶ୍ରୀର ମହତ୍ୱପୂର୍ଣ୍ଣ ଭୂମିକା' ଓ ଇ-ପତ୍ରିକାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ରାଜଶ୍ରୀର ସଭାପତି କାଶୀନାଥ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏବଂ ଆଶୁକବି ହେମନ୍ତ ଜେନାଙ୍କ ସ ଳନରେ ପରିଚାଳିତ ସଭାରେ କବି ରତିନାରାୟଣ ରାଉତ ବେଦପାଠ, କାର୍ଯ୍ୟକାରୀ ସଭାପତି କବି ମଞ୍ଜୁଶ୍ରୀ ବରାଳ ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦିକା କବି ସୁପ୍ରିୟା ସାହୁ ଜଗନ୍ନାଥ ଜଣାଣ ପରିବେଷଣ କରିଥିବା ବେଳେ କବି ମନ୍ଦାକିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଇତ୍ୟବସରରେ ଚଳିତ ମାସ ପାଇଁ ସର୍ବାଧିକ ମତ ଅଭିମତ ରଖି ବିଭିନ୍ନ ସୃଷ୍ଟି ସମ୍ଭାରକୁ ସମୀକ୍ଷା କରିଥିବା ସାତଜଣ କବିଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସାରସ୍ୱତ ଉତ୍ସବରେ କବି ରାଖାଲ କୁମାର ସ୍ୱାଇଁ, କବି ପ୍ରଜ୍ଞାଲୀନ ସାହୁ, କବି ମୋନାଲିସା ସିଂହ, କବି ନିରୂପମା ପାଣି, କବି ବନଲକ୍ଷ୍ମୀ ମହାନ୍ତି, କବି ବ୍ରଜସୁନ୍ଦର ସାହୁ, କବି ଶୋଭାମୟୀ ପତ୍ରୀ, କବି ସନ୍ନିଭା ମିଶ୍ର ଦାଶ, କବି ରଶ୍ମିତା ନାୟକ, କବି ବୀଣାପାଣି ଚୌଧୁରୀ, କବି ଦୀପ୍ତି ଦେବଦର୍ଶିନୀ ସୂତାର, ବାଣୀପୁତ୍ର କୁଳମଣି ବାରିକ, କବି ସୁଭଦ୍ରା ମହାପାତ୍ର, କବି ପୁଷ୍ପାଞ୍ଜଳି ପଣ୍ଡା, ଦାସ କମଳକୁମାର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜାତୀୟ ରାଜପଥରେ ଗୃହପାଳିତ ପଶୁଙ୍କ ଯାଉଛି ଜୀବନ

ଧର୍ମଶାଳା, ୨/୦୮ (ନି.ପ୍ର): ଗୃହପାଳିତ ପଶୁଙ୍କର ଅତି ଦୟନୀୟଭାବେ ରାସ୍ତା ଉପରେ ଜୀବନ ଯାଉଥିବା ଦେଖିବାକୁ ମିଳିଛି । ଏହି ଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ମାଲିକଙ୍କର କୌଣସି ପ୍ରଭାବ ପଡୁ ନାହିଁ । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା କୁଆଖିଆ ନିକଟସ୍ଥ ୧୬ ନଂ ଜାତୀୟ ରାଜପଥ ଉପରେ । ସ୍ଥାନୀୟ ଅଂଚଳର ଗାଈ ମାଲିକମାନେ ସେମାନଙ୍କୁ ଛାଡି ଦେଉଛନ୍ତି । ଫଳରେ ଗାଈଗୋରୁମାନେ ଖାଦ୍ୟ ଖାଇବା ପାଇଁ ଜାତୀୟ ରାଜପଥ ଉପରକୁ ଆସି ଯାଉଛନ୍ତି । ରାସ୍ତାରେ ଯାତାୟତ କରୁଥିବା ଅଜଣା ଗାଡି ଧକ୍କାରେ ସେମାନଙ୍କ ଜୀବନ ଯାଉଥିବା ବେଳେ ମାଲିକ ଗାଈକୁ ନ ଖୋଜି ଘରରେ ରହି ଯାଉଛନ୍ତି । ଫଳରେ ରାସ୍ତା ଉପରେ ପଡି ରହିବା ଦ୍ୱାରା ଦୃଗନ୍ଧରେ ପରିବେଶ ପ୍ରଦୁ୍ୟଷଣ ହେଉଛି । ରାସ୍ତା ଉପରେ ଏକକାଳୀନ ୫ଟି ଗାଈ ମାରି ପଡିଥିବା ଦେଖିବାକୁ ମିଳିଛି ।

# ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ପୁରୀ, ୨/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ସ୍ତନ୍ୟପାନ ଦିବସ ୨୦୨୪ ପାଳନ କରାଯାଇଛି । ଏହି ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀ, ଡାକ୍ତର, ନର୍ସିଂ ଅଫିସର,ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ, ସହରାଂଚଳର ଆଶା କର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ଓ କହିଥିଲେ ମା କ୍ଷୀରର କୌଣସି ବିକଳ୍ପ ନାହିଁ ତେଣୁ ପ୍ରତ୍ୟେକ ଶିଶୁ ଜନ୍ମଠାରୁ ୬ ମାସ ପର୍ଯ୍ୟନ୍ତ କେବଳ ମା କ୍ଷୀର ଖାଇବା ଦରକାର । ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଶିଶୁ ବିଭାଗର ମୁଖ୍ୟ ଡାକ୍ତର ଆରତୀ ବେହେରା କହିଥିଲେ ଶିଶୁଟିଏ ମା କ୍ଷୀରରୁ ବଂଚିତ ରହିଲେ ବିଭିନ୍ନ ପ୍ରକାର କୁପୋଷଣର ଶିକାର ହୋଇଥାଏ ଏବଂ ପ୍ରତ୍ୟକ ଶିଶୁକୁ ମା ମାନଙ୍କ ଦ୍ୱାରା କିପରି ସଠିକ ଉପାୟରେ କ୍ଷୀର ଦିଆଯିବା ଦରକାର ସେବିଷୟରେ ଆଲୋକପାତ କରିଥିଲେ । ନଚେତ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଇଯିବା ସହିତ ଶିଶୁଟି ମୃତ୍ୟୁ ମୁଖରେ ମଧ ପଡିବାର ସମ୍ଭାବନା ଥାଏ । ତେଣୁ ଏଥି ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପିଲାଟିଏ ମା' କ୍ଷୀର ଖାଇବାପରେ ତାର ପିଠିକୁ କିପରି ଥାପୁଡ଼ାଇବା ଦରକାର ସେ ବିଷୟରେ ମଧ ସମସ୍ତଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମା କ୍ଷୀର ଶିଶୁ ପାଇଁ କିପରି ଏକ ପ୍ରାକୃତିକ ଟୀକା ସଦୃଶ୍ୟ ହୋଇଥାଏ ଏବଂ ଶିଶୁର ମାନସିକ ବିକାଶ ଭଲରେ ହୋଇଥାଏ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ମା' ର କଷକ୍ଷୀର ଶିଶୁ ପାଇଁ କିପରି ବହୁତ ଉପଯୋଗୀ ହୋଇଥାଏ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ କହିଥିଲେ । ଏହି ସଭାରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକଟର ବାହିତ) ଡାକ୍ତର ବିନୋଦ ବିହାରୀ ରଥ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ମା' କ୍ଷୀରର ଭୂମିକା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଅତିରକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପ୍ରବନ୍ଧକ ଟି ନାରାୟଣ ରାଓ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଆଶା ମ୍ୟାନେଜର ଅଶୋକ କୁମାର ସାହୁ ଏବଂ ସହ ପରିଚାଳକ (ତାଲିମ), ମନୋଜ ପଣ୍ଡା ଉପସ୍ଥିତ ଥିଲେ ।

# ଡିଏମ୍‌ଏଫ୍ ଟ୍ରଷ୍ଟର କାର୍ଯ୍ୟକାରିତା ତଦାରଖ ଓ ସମୀକ୍ଷା ପାଇଁ ରାଜ୍ୟସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨/୦୮ (ନି.ପ୍ର): ଖଣିଜ ସମୃଦ୍ଧ ଜିଲ୍ଲାଗୁଡିକରେ ରହିଥିବା ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ (ଡିଏମ୍‌ଏଫ୍)ର କାର୍ଯ୍ୟକାରିତା ସଂପର୍କରେ ରାଜ୍ୟସ୍ତରୀୟ ତଦାରଖ ଓ ସମୀକ୍ଷା କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଅନୁଗୁଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ସୁନ୍ଦରଗଡ, କୋରାପୁଟ, ମୟୂରଭଞ୍ଜ, ରାୟଗଡା ଆଦି ୮ ଟିଡିଏମଏଫ ଜିଲ୍ଲା ରହିଛି ।ବୈଠକରେ ବିଭିନ୍ନ ଡିଏମଏଫ୍ ଜିଲ୍ଲକୁ ବର୍ଷୱାରୀ ପାଣ୍ଠି,ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଆବଣ୍ଟନ ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପ କାର୍ଯ୍ୟକାରିତା ବାବଦରେ ଅର୍ଥ ବିନିଯୋଗ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା ।ଡିଏମଏଫ ଜିଲ୍ଲାର ବିଭିନ୍ନ ଅଂଚଳରେ ରାସ୍ତା, ସେତୁ, ସୌଧ ନିର୍ମାଣ, ଶିକ୍ଷା, ପାନୀୟଜଳଯୋଗାଣ, ସ୍ୱାସ୍ଥ୍ୟସେବା, ରାସ୍ତା ସଂଯୋଗୀକରଣ, ଜୀବିକା ନିର୍ବାହ କାର୍ଯ୍ୟକ୍ଷମ, ଜଳସେଚନ, ମହିଳା, ଶିଶୁ, ବୟସ୍କ ଓ ଭିନ୍ନକ୍ଷମଙ୍କ କଲ୍ୟାଣ, ଶକ୍ତି, ପରିବେଶ, ଦକ୍ଷତା ବିକାଶ, ଗୃହନିର୍ମାଣ ଆଦି କ୍ଷେତ୍ରରେ ଅର୍ଥ ବିନିଯୋଗ କରାଯାଉଛି ।ବିଭିନ୍ନ କ୍ଷେତ୍ରରେ ଅର୍ଥ ବିନିଯୋଗ ଓ କାର୍ଯ୍ୟ ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ବୈଠକରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ଡିଏମଏଫ ଜିଲ୍ଲାର ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାରେ ଏହି ପାଣ୍ଠି ଉପଯୋଗରେ କିପରି କାର୍ଯ୍ୟ କରାଯାଉଛି, ସେ ସଂପର୍କରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ସବିଶେଷ ଆଲୋଚନା କରିବା ସହ ଡିଏମଏଫ ପାଣ୍ଠିର ସଠିକ ଉପଯୋଗ ପାଇଁ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ବାର୍ଷିକ ପ୍ରଗତିଶୀଳ ଯୋଜନା ପ୍ରସ୍ତୁତି କରି ସେହି ଅନୁସାରେ କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଖଣି ସମୃଦ୍ଧ ଡିଏମଏଫ୍ ଜିଲ୍ଲାରେ ବହୁବିଧ କ୍ଷେତ୍ରରେ ଗୁଣାତ୍ମକ ଭିତ୍ତିଭୂମି ବିକାଶ ଓ ସେବା ପ୍ରଦାନ ସହ ଲୋକମାନଙ୍କର ଜୀବନ ଧାରଣ ମାନରେ ଯେପରି ଉନ୍ନତି ଘଟିବ, ସେମାନେ ଯେପରି ଜୀବିକାର୍ଜନର ସୁବିଧା ପାଇବେ ଏବଂ ଏହା ଯେପରି ନିରନ୍ତର ବିକାଶ ଲକ୍ଷ୍ୟ ସାଧନରେ ସହାୟକ ହେବ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଡିଏମଏଫର ଗଠନ, ଅର୍ଥବ୍ୟବସ୍ଥା, ଯୋଜନା, କାର୍ଯ୍ୟ ଯୋଜନାର ଅନୁମୋଦନ, ପ୍ରକଳ୍ପର ପ୍ରଶାସନିକ ମଂଜୁରୀ, ଟ୍ରଷ୍ଟର କାର୍ଯ୍ୟକାରିତା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି.ଭି.ଯାଦବ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଗ୍ରାମ୍ୟ ଉନ୍ନୟନ ତଥା ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ , ସ୍ୱାସ୍ଥ୍ୟଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ , ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ କମିଶନର ତଥା ଶାସନ ସଚିବ ଆଶ୍ୱତୀ ଏସ୍ , ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି , ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ରୂପା ରୋଶନ ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବଡ ଧରଣର ଚୋରି ଅଭଯୋଗ

କଳାହାଣ୍ଡି , ୨/୦୮ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ ଏକ ବଡ଼ ଧରଣର ଡକାୟତି ହୋଇଛି । ଡକାୟତମାନେ ସୁନା ୧୪ ତୋଳା ଓ ଟଙ୍କା ପ୍ରାୟ ୫ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି । ରାଜପୁର ଗ୍ରାମର ବ୍ୟବସାୟୀ ବୈଶାନାରୁ ନାଏକ ତାଙ୍କ ସ୍ତ୍ରୀ ଏବଂ ଶାଶୁ ଖାଇସାରି ଶୋଇଥିଲେ । ମଧ୍ୟ ରାତିରେ ୧୦ ରୁ ଉର୍ଦ୍ଧ୍ୱ ଡକାୟତି ମାରଣାସ୍ତ୍ର ଦେଖାଇ ସୁନା ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ବୈଶାନାରୁଙ୍କ ଶାଶୁଙ୍କୁ ମାରଣାସ୍ତ୍ରରେ ଜଙ୍ଘରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେପଟେ ଘଟଣାସ୍ଥଳରେ ଚିଲିଗୁଡା ଫାଣ୍ଡି ଅଧିକାରୀ, ଜୁନାଗଡ଼ ଥାନା ଅଧିକାରୀ , ଧର୍ମଗଡ଼ ଏସଡିପିଇଓ, ସାଇଣ୍ଟିଫିକ ଟିମ ସହିତ କଳାହାଣ୍ଡି ଏସପି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

# ୧୦ କେଜି ଗଞ୍ଜେଇ ଜବତ : ୩ ଅଭିଯୁକ୍ତ ଗିରଫ

ବଲାଙ୍ଗିର, ୨/୦୮ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ଗଂଜେଇ ଚୋରା ଚାଲାଣ ବେଳେ ୧୦ କେଜି ଗଞ୍ଜେଇ, ଦୁଇଟି ବାଇକ୍ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଖପ୍ରାଖୋଲ ପୋଲିସ । ସୂଚନା ଅନୁଯାୟୀ, ଗୁରୁବାର ସକାଳ ସମୟରେ ଖପ୍ରାଖୋଲ ପୋଲିସ ଖପ୍ରାଖୋଲରୁ ଗୁଣ୍ଡୁରୁପାଲି ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ଦୁଇଟି ବାଇକ୍ ରେ ତିନି ଜଣ ବ୍ୟକ୍ତି ଖପ୍ରାଖୋଲ ପଟେ ଆସୁଥିବାର ଦେଖି ହରିଶଙ୍କର ଛକ ନିକଟରେ ସେମାନଙ୍କୁ ଅଟକାଇଥିଲେ । ସେମାନଙ୍କ ପାଖରେ ଗୋଟିଏ ଜରି ବସ୍ତାରେ କିଛି ସାମଗ୍ରୀ ଥିଲା ତଦନ୍ତ ପରେ ଜଣାପଡିଲା ଯେ ସେମାନେ ଗଞ୍ଜେଇ ଚୋରା ଚାଲାଣ କରି ବଡ଼ଉଡେନ ଗ୍ରାମରୁ ଲାଠୋରକୁ ନେଉଥିଲେ । ଅଭିଯୁକ୍ତ ମାନେ ହେଲେ ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ବଡ଼ଉଡେନ ଗ୍ରାମ କୁମ୍ଭାରଡେରାର ରୋହିତ ରଣା(୨୦), ଚନ୍ଦ୍ରମଣୀ ଡାଙ୍ଗ (୩୫) ଏବଂ ଲାଠୋର ଥାନା ଅନ୍ତର୍ଗତ ଯାମଟୁଆଁ ଗ୍ରାମର ନବୀନ ରଣା(୩୪) । ସେମାନଙ୍କୁ ପୋଲିସ ଅଟକ ରଖିଥିଲେ ପରେ ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରିଥିଲେ ଯାହା ୧୦ କେଜି ୨୦୦ ଗ୍ରାମ ହୋଇଥିବା ବେଳେ ତାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ମାଜିଷ୍ଟ୍ରେଟ୍ ? ଭାବେ ଥିବା ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଅଭିଯୁକ୍ତ ମାନଙ୍କ ପାଖରୁ ଦୁଇଟି ମୋବାଇଲ ମଧ ଜବତ କରିଛି ପୋଲିସ । ଏନେଇ ଖପ୍ରାଖୋଲ ଥାନା କେସ ନଂ ୧୮୩/୨୦୨୪ରେ ନାର୍କୋଟିକ୍ ଡ୍ରଗ୍ ଏବଂ ସାଇକୋଟ୍ରୋପିକ୍ ପଦାର୍ଥ (ଏନ୍. ଡି. ପି. ଏସ୍) ୧୯୮୫ ଅଧିନିୟମ ଅନୁଯାୟୀ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାରେ ଆହୁରି କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

# ଓଡ଼ିଶା ଜୀବିକା ମିଶନରେ ଦୁର୍ନୀତିକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓସାର ଧାରଣା ସ୍ଥଗିତ

କେନ୍ଦ୍ରାପଡ଼ା, ୨/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଜୀବିକା ମିଶନ ଓ ମିଶନଶକ୍ତିରେ ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଚାରିଦିନ ଧରି ଚାଲିଥିବା ଧାରଣାକୁ ଆଜି ସ୍ଥଗିତ ରଖାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲାପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ନିଲୁ ମହାପାତ୍ର ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହିତ ଓସାର ଦାବିଗୁଡିକ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧାରଣାକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଲିଖିତ ପ୍ରତିଶୃତି ପ୍ରଦାନ କରିବାରୁ ଗଣଧାରଣାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା ବୋଲି ଆବାହକ ପ୍ରତାପ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲାପାଳଙ୍କ ଆମନ୍ତ୍ରଣ କ୍ରମେ କାଲି ଧାରଣାକାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଅଫିସ ପ୍ରକୋଷ୍ଠକୁ ଯାଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସହ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ମହାନ୍ତି ଓ ଆଇନଜୀବୀ ପ୍ରଦୀପ ଦାଶ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ ଧାରଣା ଦ୍ୱାରା ଭୟଭୀତ ହୋଇ ଗତ ମଙ୍ଗଳବାର ଦିନ ବାରୋ ସ୍ଥିତ ମିଶନ ଶକ୍ତି ଭବନରେ ରାତି ଅଧରେ ପ୍ରିଂଟର ଏବଂ କାଗଜ ପତ୍ର ଧରି ଜାଲ ବିଲ ଭଉଚର ପ୍ରସ୍ତୁତ କରୁଥିବାବେଳେ ଜନ ସାଧାରଣଙ୍କ ଠାରୁ ଖବର ପାଇ ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ଓ ନିକିରାଇ ଥାନା ଅଧିକାରୀ ମିଳିତ ଭାବେ ଚଢାଉ କରି ଜାଲ ବିଲ ସହ ସମସ୍ତ ସରଞ୍ଜାମ ଜବତ କରିଥିଲେ। ଏହା ଦର୍ଶାଉଛି ଯେ ଓସା ପକ୍ଷରୁ ଅଭିଯୋଗ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିର ଏହି ଘଟଣା ପ୍ରମାଣ ନୁହେଁ ତ ଆଉ କଣ ? ତଥାପି ଜିଲ୍ଲା ପ୍ରଶାସନ ତୁରନ୍ତ ସେମାନଙ୍କୁ ବହିଷ୍କାର ନ କରି ତଦନ୍ତ ଆଳ ନେଇ ଦୁର୍ନୀତିକୁ ଘଂଟ ଘୋଡ଼ାଇବାକୁ ଚେଷ୍ଟା ଚଳାଇଛି। ଯଦି ଏକ ମାସ ମଧ୍ୟରେ ଓସାର ସମସ୍ତ ଦାବି ପୂରଣ ନହୁଏ ତେବେ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଆସନ୍ତା ସେପ୍ଟେମ୍ବରମାସ ଏକ ତାରିଖ ଠାରୁ ପୁଣି ଧାରଣା ଦିଆଯିବ ବୋଲି ଓସାର ଆବାହକ ଶ୍ରୀ ମହାନ୍ତି କହିଛନ୍ତି। ଆଜିର ଧାରଣା କାର୍ଯ୍ୟକ୍ରମରେ ଆବାହକ ପ୍ରତାପ ମହାନ୍ତି, ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ମନୋରଞ୍ଜନ ଜେନା, ଅମରବର ବିଶ୍ୱାଳ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ମାନସ ଆଚାର୍ଯ୍ୟ, ରମାକାନ୍ତ ମାହାଳୀ, ଜୟଦେବ ଜେନା, ନିରଞ୍ଜନ ପରିଡ଼ା, ନଗେନ୍ଦ୍ର ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଫ୍ୟାଶନରେ ଫୁଟ୍ ୱିୟର

କେବଳ ଜୋତା ବା ଚପଲରେ ସୀମିତ ରହିନି ଫୁଟ୍‌ୱିୟର । ଦିନକୁ ଦିନ ନୂଆ ଡିଜାଇନ ଓ ପାଟର୍ଣ୍ଣୟର ଫୁଟ୍‌ୱିୟର ବଜାରକୁ ଆସୁଛି । ସମସ୍ତଙ୍କ ପରେ ସବୁ ଫୁଟ୍‌ୱିୟରର ନାଁ ଜାଣିବା ମଧ୍ୟ ସମ୍ଭବ ନୁହେଁ । ଜାଣନ୍ତୁ କେତୋଟି ଫୁଟ୍‌ୱିୟର ନାଁ ଓ ଏହାର ଉତ୍ପତିସ୍ଥଳ ବିଷୟରେ ।









**ବାବୁଶେ ସ୍ଲିପର୍ସ:** ଏହି ଜୋତାର ଉତ୍ପତି ସ୍ଥଳ ମରକ୍କୋ । ଏହି ଜୋତା ଏତେ ଲୋକପ୍ରିୟ କାହିଁକି ଜାଣନ୍ତି ? କାରଣ ପ୍ରାର୍ଥନା କଲା ସମୟରେ ଖୋଲିବା ଓ ପିନ୍ଧିବାରେ ସୁବିଧା ହେଉଥିଲା ଏହି ସ୍ଲିପର୍ସ ପିନ୍ଧିବାରୁ ଏକ ସମୟରେ ଆବଶ୍ୟକତା ସମୟ କ୍ରମେ ଫ୍ୟାଶନରେ ପରିଣତ ହୋଇଗଲା । ମରକ୍କୋର ବାବୁଶେ ସ୍ଲିପର୍ସ ଏବେ ମହାରାଷ୍ଟ୍ରରେ କୋହ୍ଲାପୁରୀ ଜେନାତା ନାଁରେ ଲୋକପ୍ରିୟ ।

**କାଓବୟ ବୁଟ୍‌ସ:** ଏହି ଜୋତାର ଉତ୍ପତି ସ୍ଥଳ ଆମେରିକା । ସ୍ପାନିଶମାନେ ଆମେରିକାରେ ପ୍ରବେଶ କରିବା ପରଠାରୁ ଏହି ବୁଟସ ସେଠାରେ ଚଳିଆସୁଛି । ପଂଚଦଶ ଶତାବ୍ଦୀର ସେହି କାଓବୟ ବୁଟସ ସମୟ କ୍ରମେ ରୂପାନ୍ତରିତ ହେବାକୁ ଲାଗେ । ଟେକ୍ସାସ, କାନସାସ, ଓକଲାହୋମା ଭଳି ସହରରେ ପ୍ରଚଳିତ ଥିବା ଏହି ଜୋତାଗୁଡ଼ିକ ଏବେ ବିଶ୍ୱର ସବୁସ୍ଥାନରେ ଲୋକପ୍ରିୟ ।

**ବାର୍ଚ ବାର୍କ ସୁ:** ଉତ୍ପତି ସ୍ଥଳ ଫିନଲ୍ୟାଣ୍ଡ ହୋଇଥିଲେ ମଧ୍ୟ ଏବେ ବିଶ୍ୱର ଅନ୍ୟ କେତେଗୁଡ଼ିଏ ଦେଶର ଲୋକ ଏହି ଜୋତା ପିନ୍ଧୁଛନ୍ତି । କାଦୁଅ ଏବଂ ତୁଷାରପାତରୁ ଚମଡ଼ା ନିର୍ମିତ ଜୋତାକୁ ବଂଚାଇବା ଉଦ୍ଦେଶ୍ୟରେ ପ୍ରଥମେ ବ୍ୟବହାର କରାଯାଉଥିଲା ବାର୍ଚ ବାର୍କ ସୁ । ଲିଣ୍ଡେନ କିମ୍ବା ଲାଇମ ଗଛ ଛାଲିରେ ଏହି ଜୋତା ତିଆରି ହେଉଥିଲା । ନରୱେ, ରୁଷ, ସ୍ୱିଡ଼େନ ଆଦି ଦେଶଗୁଡ଼ିକରେ ଯେକୌଣସି ସାମାଜିକ ଅନୁଷ୍ଠାନରେ ଲୋକମାନେ ଏହି ଜୋତା ବ୍ୟବହାର କରନ୍ତି ।

**ଗେଟା:** ଏହି ଚପଲର ଉତ୍ପତି ସ୍ଥଳ ଜାପାନ । ଜାପାନର ପାରମ୍ପରିକ ପୋଷାକ କିମୋନୋ ସହିତ ଏହି ଚପଲ ପିନ୍ଧାଯାଉଥିଲା । ଏହାକୁ ଗୋଟା ସାଣ୍ଡାଲସ କୁହାଯାଉଥିଲା । ଗେଟାର ଆକାର କିପରି ହେବ ତାହା ନିର୍ଭର କରୁଥିଲା ଏହାକୁ କିଏ ପିନ୍ଧିବ । ଯଦିଓ ପୂର୍ବର ଏହି ନିୟମ ଏବେ ଆଉ ନାହିଁ ।

**କ୍ଲୋମପେନ:** ଏହାକୁ ପ୍ରଥମେ ନେଦରଲ୍ୟାଣ୍ଡର ଲୋକମାନେ ବ୍ୟବହାର କରୁଥିଲେ । ଏବେ ଏହା ସାରା ବିଶ୍ୱରେ ଲୋକପ୍ରିୟ ହେଲେ ମଧ୍ୟ ଏବେବି ନେଦରଲ୍ୟାଣ୍ଡର କୃଷକ ଏବଂମାଲିକମାନେ ଏହି କ୍ଲୋମପେନ ପିନ୍ଧି କାମ କରନ୍ତି । ପରମ୍ପରା କିପରି ପିଢ଼ି ପରେ ପିଢ଼ି ମାନି ଚଳାଯାଏ ତାହାଏହି କୃଷକମାନଙ୍କୁ ଦେଖିଲେ ଜଣାପଡ଼େ ।।

**ଜୁତି ଏବଂ ଚପଲ:** ଜୁତି ଓ ଚପଲର ଉତ୍ପତି ସ୍ଥଳ ମୂଳତଃ ଉତର ଭାରତ । ଜୁତିର ଅଗ୍ରଭାଗ ସାମାନ୍ୟ ବଙ୍କା ହୋଇ ରହିଥାଏ । ଆଗେ ଏହାକୁ ପୁରୁଷମାନେ ପିନ୍ଧୁଥିଲେ ବି ଏବେ ଏହା ପୁରରୁଷ, ମହିଳା ନିର୍ବିଶେଷରେ ସମସ୍ତେ ପିନ୍ଧୁଛନ୍ତି । ଚପଲ ମୂଳତଃ କଠଉ ବା ପାଦୁକାରୁ ଆସିଛି । ବର୍ତମାନ କଠଉ ଡିଜାଇନର ଖୁବ ସୁନ୍ଦର ପଥର ଖଚିତ ଚପଲ ମଧ୍ୟ ବଜାରରେ ଉପଲବ୍ଧ ।

**ଏସପାଡ୍ରିଲ୍:** ଏହି ଜୋତାର ଉପତି ସ୍ଥଳ ସ୍ପେନ । 'ଏସପାରଦେନିଆ' ନାମକ ସ୍ପାନିଶ ଶବ୍ଦ ସହିତ କିଛିଟା ସାମଞ୍ଜସ୍ୟ ରହିଛି ଏସପାଡ୍ରିଲ ଶବ୍ଦର । 'ଏସପାଡ଼ୋ' ଅର୍ଥାତ୍ ମୋଟା ଘାସ । ମୋଟା ଘଶସ ସାହାଯ୍ୟରେ ଏହି ଜୋତାର ସୋଲ ସିଲେଇ କରାଯାଉଥିଲା । ଏବେ ଯଦିଓ ସେଭଳି ଜୋତା ତିଆରି ହେଉନାହିଁ ମାତ୍ର ସହେ ଡିଜାଇନର ଜୋତା ଝିଅମାନଙ୍କ ପାଖରେ ବେଶ ଲୋକପ୍ରିୟ । ଦେଖିବାକୁ ହାଫ୍ ସୁ ଭଳି ।

# ନିରାଶାରୁ ବର୍ତ୍ତିବାର ଉପାୟ



ଜୀବନରେ ଯଦି କେବେ ନିରାଶା ଆସେ ତେବେ ଧୈର୍ଯ୍ୟ ହରାନ୍ତୁ ନାହିଁ ବରହ ସେତିକିବେଳେ ଏମିତି ଏକ କ୍ଷଣକୁ ମନେ ପକାନ୍ତୁ ଯେତେବେଳେ ଆପଣ କିଛି ବଡ଼ କାମ କରିଥିଲେ । ଯାହା ଅନ୍ୟର ମଙ୍ଗଳ ପାଇଁ କାମରେ ଲାଗିଥିଲା ଏବଂ ଏଥିପାଇଁ ଆପଣଙ୍କୁ ମିଳିଥିଲା ଅନେକ ପ୍ରଂଶସା । କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏମିତି ଏକ ସମୟ ଆସିଥାଏ ଯାହାକୁ ନେଇ ସେ ସବୁଠାରୁ ଅଧିକ ଖୁସି ହୋଇଥାଏ । ଏମିତି କ୍ଷଣକୁ ମନେ ପକାଇବା ଦ୍ୱାରା ମନ-ମସ୍ତିଷ୍କରୁ କଷ୍ଟଦାୟକ ବୋଝ ହାଲ୍‌କା ହୋଇ ଯାଇଥାଏ । ଏହା ସମ୍ମୁଖରେ ଥିବା ବଡ଼ ସମସ୍ୟାକୁ ଲଢ଼ିବାରେ ସହାୟ ହୋଇଥାଏ । ଯଦି ଏସବୁ ସତ୍ୱେ ମଧ୍ୟ ମନ ନିରାଶାରେ ଛାଇ ରହିଥାଏ, ତେବେ କୌଣସି ନୂତନ ରାସ୍ତାର ସନ୍ଧାନରେ ଲାଗି ପଡନ୍ତୁ । ଯଦି ଏହି ସମୟରେ ଖାଲି ବସିପଡନ୍ତି, ତେବେ ମନ ଅଧିକ ବୋଝ ଲଦିହେଲା ପରି ମନେ ହୁଏ । ଏଥିପାଇଁ ନିଜକୁ କୌଣସି ନା କୌଣସି ଛୋଟ ବଡ଼ କାମରେ ନିମଗ୍ନ ରଖନ୍ତୁ । ତେଣୁ ପ୍ରତିଦିନ ପ୍ରାତଃ ସମୟରେ ଉଠି ବ୍ୟାୟାମ କରିବାର ଅଭ୍ୟାସ କରନ୍ତୁ । ଏହାଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରହେ ତାହା ନୁହେଁ ବରଂ ମାନସିକ ସ୍ତରରେ ବେଶ୍ ଆରାମ ଅନୁଭୂତ ହୁଏ । ଚାହଁଲେ ଭଲ ସାହିତ୍ୟ ପୁସ୍ତକ, କବତା, ଗଳ୍ପ କମ୍ବା ଉପନ୍ୟାସ ପଢ଼ିପାରିବେ । ଆଶା ଏବଂ ନିରାଶା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମଣିଷ ପରି ପଶୁ ମନରେ ବି ନିରାଶ ପଣ ଦେଖିବାକୁ ମିଳେ । ହେଲେ ମଣିଷ ଏବଂ ପଶୁ ମଧ୍ୟରେ ଥାଏ ଗୋଟିଏ ତଫାତ୍ । ପଶୁ ନିରାଶା ହେଲେ କିଛି ନ କର ବସିପଡେ କିମ୍ବା ଶୋଇପଡେ । ହେଲେ ମନୁଷ୍ୟ, ନିରାଶରେ ଆଗକୁ ବଢ଼ିବାର ସାହସ ସଂଚୟ କରେ । ଏହାର ପରିଣାମ ସ୍ୱରୂପ ଆଜ ମନୁଷ୍ୟ ସମସ୍ତ ଜୀବଜନ୍ତୁ ପ୍ରାଣୀକୁ ନିଜ



ବଶରେ କରିବାର କ୍ଷମତା ରଖିଛି । ତେଣୁ ଜୀବନରେ ଅନେକ ବଡ଼ ବଡ଼ ଦୁର୍ଘଟଣା ବା ସମସ୍ୟା ଆସି ଠିଆ ହେବ । ତା' ମାନେ ନୁହେଁ କି ତାକୁ ଡରି ପଛଘୁଞ୍ଚା ଦେବ । ବରଂ ଚେଷ୍ଟା ଦ୍ୱାରା ତାକୁ ଲଢ଼ବା ଶିଖିବା ଦରକାର । ଯଦି ଏଥିରେ ଅସଫଳ ହେଉଛନ୍ତି, ତେବେ ଭାଙ୍ଗିନପଡ଼ି ସେହି ନିରାଶା ମଧ୍ୟରେ ଆଶାର ସଞ୍ଚାର କରନ୍ତୁ ।

# ଚୀନ୍‌ରେ ୧୫୦ଟଙ୍କାରେ ମିଳୁଛି ଶୁଦ୍ଧ ବାୟୁର ପ୍ୟାକେଟ୍


ବିଶ୍ୱ ସ୍ତରରେ ସବୁଠୁ ପ୍ରଦୂଷିତ ସ୍ଥାନ ତାଲିକାରେ ଚୀନ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଭାରତର ଦିଲ୍ଲୀ ଅଛି । ତେବେ ଦିଲ୍ଲୀ ବାସିନ୍ଦା ବର୍ତ୍ତମାନ ସୁଦ୍ଧା ସଚେତନ ହୋଇଥିବା ସତ୍ତ୍ୱେ ଚୀନ ଲୋକେ ସଚେତନ ହୋଇଗଲେଣି । ସାଧାରଣ ବର୍ଗର ଲୋକେ ଚୀନରେ ମାସ୍କ ପିନ୍ଧି ଚଳପ୍ରଚଳ କରିଥାନ୍ତି । କାରଣ ପ୍ରଦୂ୍ୟଷଣ କାରଣରୁ ବିଭିନ୍ନ ମାରାତ୍ମକ ରୋଗ ସେଠାରେ ବ୍ୟାପିବାରେ ଲାଗିଛି । ତେବେ ଲୋକେ ସଚେତନ ହେବା ସହ ଘରେ ଶୁଦ୍ଧ ବାୟୁ ଯେପରି ବ୍ୟବହାର କରନ୍ତୁ, ଏନେଇ ଦୁଇଜଣ ଚୀନ ଯୁବତୀ ଚମତ୍କାର ପଦକ୍ଷେପ ନେଇଛନ୍ତି । ସେଠାରେ ଜିନିଙ୍ଗରେ ରହୁଥିବା ଏହି ଦୁଇ ଚୀନ ଯୁବତୀ ତିବତର ଅଞ୍ଚଳରୁ ଶୁଦ୍ଧ ବାୟୁ ସଂଗ୍ରହ କରି ତାହାକୁ ପ୍ୟାକେଟରେ ଭର୍ତ୍ତି କରି ଆଣି ଚୀନର ବିଭିନ୍ନ ଅଂଚଳରେ ବିକ୍ରି କରୁଛନ୍ତି । ଏହି ଶୁଦ୍ଧ ବାୟୁ ବ୍ୟାକେଟ ପିଛା ୧୫୦ଟଙ୍କାରେ ଉପଲବ୍ଧ । ଗତ ସପ୍ତାହରେ ସେମାନେ ଏହି ବିକ୍ରି ଆରମ୍ଭ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୫୦ପ୍ୟାକେଟ ବିକ୍ରି ହୋଇସାରିଛି । ଚୀନ ଯୁବତୀଙ୍କ କହିବାନୁସାରେ, କେବଳ ଅର୍ଥ ଲୋଭରେ ସେମାନେ ଏହି ପଦକ୍ଷେପକୁ ନେଇନାହାନ୍ତି, ବରଂ ଲୋକଙ୍କୁ ପ୍ରଦୂଷଣ ବାବଦରେ ସଚେତନ କରାବାକୁ




ସେମାନେ ଏହା କରିଥିବା ପ୍ରକାଶ । କିଛିବର୍ଷ ତଳେ କାନାଡ଼ାର ଏକ କମ୍ପାନୀ ମଧ୍ୟ ପାହାଡ଼ ଅଂଚଳରୁ ଶୁଦ୍ଧ ବାୟୁ ପ୍ୟାକେଟରେ ଭର୍ତ୍ତି କରି ଟରୋଣ୍ଟୋରେ ବିକ୍ରି କରୁଥିଲା ।

# ମାଛ, ମାଂସ ନଖାଇ ସୁସ୍ଥ ରହିବାକୁ ଚାହୁଁଛନ୍ତି କି ? ଯଦି ହଁ, ଆପଣାନ୍ତୁ ଏହି ଉପାୟ...

ଦିନକୁ ଦିନ ଲୋକଙ୍କର ଓଜନ ବଢୁଛି । ଏଥିପାଇଁ ଅନେକ ରୋଗରେ ପୀଡିତ ହେଉଛନ୍ତି ଲୋକେ । ଖାସ୍ ଏଥିପାଇଁ ହିଁ ଶାକାହାରୀ ଖାଦ୍ୟ ପ୍ରତି ଆକର୍ଷିତ ହେଉଛନ୍ତି । କିନ୍ତୁ ଯଦି ମାଂସ, ମାଛ ଏବଂ ଅଣ୍ଡା ଭଳି ଜିନିଷ ଖାଇବା ବନ୍ଦ କରି ଦିଅନ୍ତି, ତେବେ ଶରୀରକୁ ପ୍ରୋଟିନ୍ କେଉଁଠୁ ମିଳିବ । ଏ ପ୍ରଶ୍ନ ସମସ୍ତଙ୍କ ମନରେ ନିଶ୍ଚୟ ଆସୁଥିବ । କିନ୍ତୁ ଏପରି କିଛି ଶାକାହାରୀ ଖାଦ୍ୟ ରହିଛି ଯାହା ଶରୀରକୁ ପ୍ରଚୁର ପରିମାଣରେ ପ୍ରୋଟିନ୍ ? ଯୋଗାଇବ । ଆସନ୍ତୁ ଜାଣିବା...




୧. ଡାଲି: ଡାଲିକୁ ପୋଷକ ତତ୍ତ୍ୱର ଭଣ୍ଡାର ଭାବରେ ବିବେଚନା କରାଯାଏ । ଏହାର ପ୍ରତିକପ୍ ପିଛା ଡାଲିରେ ମିଳିଥାଏ ୧୮ ଗ୍ରାମର ପ୍ରୋଟିନ୍ । ଏହାକୁ ବିଭିନ୍ନ ଉପାୟରେ ଖିଆ ଯାଇପାରେ । ଯେପରିକି ସୁପ୍, ସାଲାଡରେ ମଧ ଏହାକୁ ମାଂସ ବଦଳରେ ଖାଇପାରିବେ ।

୨. ସୋୟାବିନ୍: ସୋୟାବିନ ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଭାବରେ ବିବେଚନା କରାଯାଏ । ସାଧାରଣତଃ ଲୋକମାନେ ଏହାକୁ ତରକାରୀ କରି ଖାଇବାକୁ ପସନ୍ଦ କରନ୍ତି । ଯାହା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥାଏ । ଯଦି ଆପଣ ଏହାକୁ ନିୟମିତ ଖାଆନ୍ତି ତେବେ ଶରୀରରେ ପ୍ରୋଟିନର ଅଭାବ ରହିବନି ।

୩. କ୍ୱିନୋଆ: କ୍ୱିନୋଆ ଏକ ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଭାବେ ପରିଚିତ । ଏହି ଖାଦ୍ୟରେ ସମସ୍ତ ୯ଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଏହି ଖାଦ୍ୟରେ ମିଳିଥାଏ । ରାନ୍ଧିବା ସମୟରେ ଏହା କପ୍ ପିଛା ପ୍ରାୟ ୮ ଗ୍ରାମ ପ୍ରୋଟିନ୍ ଯୋଗାଇଥାଏ । ତେଣୁ ଅଧିକାଂଶ ଡାଏଟିସିଆନ୍ ଏହାକୁ ଦୈନନ୍ଦିନ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦିଅନ୍ତି ।

୪. ଟୋଫୁ: ଟୋଫୁ ହେଉଛି ଏକ ସୋୟାବିନ୍ ଭିତ୍ତିକ ଖାଦ୍ୟ ପଦାର୍ଥ । ଯାହା ପ୍ରୋଟିନରେ ଭରପୂର ଅଟେ । ଯଦି ଆପଣ ଅଧା କପ୍ ଟୋଫୁ ଖାଆନ୍ତି, ତେବେ ଆପଣଙ୍କ ଶରୀରକୁ ପ୍ରାୟ ୧୫ ଗ୍ରାମ ପ୍ରୋଟିନ୍ ମିଳିବ । ଏହା ପନିର ପରି ଦେଖାଯାଏ, ଯଦିଓ ଏହା ଭିନ୍ନ ଅଟେ । ଆପଣ ଏହାକୁ ଅନେକ ଉପାୟରେ ରାନ୍ଧି ଖାଇପାରିବେ । ଏହାର ସ୍ୱାଦ ମଧ ଖୁବ୍ ଉତ୍କୃଷ୍ଟ ।


୫. ଗ୍ରୀକ୍ ଦହି: ଏହା ସେହି ବ୍ୟକ୍ତିଙ୍କ ପାଇଁ ଯେଉଁମାନେ କି ଦୁଗ୍ଧଜାତ ଦ୍ରବ୍ୟକୁ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛନ୍ତି । ଗ୍ରୀକ୍ ଦହି ପ୍ରୋଟିନର ଏକ ସମୃଦ୍ଧ ଉତ୍ସ ଅଟେ । ଯାହାର ପ୍ରତି ୬ଅଂଶରେ ଯୋଗାଇଥାଏ ୧୦ ଗ୍ରାମର ପ୍ରୋଟିନ୍ । ଏହା ପ୍ରୋବାୟୋଟିକ୍ସରେ ମଧ ଭରପୂର ଅଟେ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖେ ।

# ଟାଇପ୍ ୧ ମଧୁମେହ ରୋଗୀଙ୍କ ଖାଦ୍ୟ

ଆଜିକାଲି କିଶୋର-କିଶୋରୀ ମଧ୍ୟ ମଧୁମେହର ଶିକାର ହେଉଛନ୍ତି, ଯାହାକୁ କୁହାଯାଉଛି ଟାଇପ ୧ ଡାଇବେଟିସ୍ । ଏଭଳି ରୋଗୀ ଖାଦ୍ୟ ବାବଦରେ ସଚେତନ ହେବା ଜରୁରୀ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏପରି ଖାଦ୍ୟ ଖାଇବା, ଯାହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଅଧିକ ବଢ଼ିବନାହିଁ ବା କମିବନାହିଁ । ଅର୍ଥାତ୍, ଠିକ୍ ଯେତିକି ଦରକାର, ସେତିକି ଶ୍ୱେତସାର ଖାଇବା ।

- ତିନିଟି ମୁଖ୍ୟ ଭୋଜନ ବଦଳରେ ଛଅଥର ଅଳ୍ପ ଅଳ୍ପ ଖାଇବା ଉଚିତ । ଏହାଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ ।

କେବେ ହେଲେ ଖାଲି ପେଟରେ ରହିବା ନାହିଁ । ଏହାଦ୍ୱାରା ରକ୍ତ ଶର୍କରା ହଠାତ୍ ବହୁତ ଖସି ଯାଇପାରେ । ତାହା ପରେ ଅଧିକ ଖାଇଦେଲେ, ବିରପୀତ ଘଟେ । ଅଧିକାଂଶ ନଟସ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ତେବେ, ଟାଇପ ୧ ମଧୁମେହ ଭୋଗୁଥିଲେ, ଅଧିକ ଖାଇବା ଅନୁଚିତ । ଏହା ମୋଟା କରିପାରେ । ସର୍ବଦା ଅଟା ରୁଟଣି ଖାଇବା ଉଚିତ । ଅଟା ତିଆରି ପାଉଁରୁଟି, ନୁଡଲସ, ପାସ୍ତା ଖିଆ ଯାଇପାରେ । ଆକାଣ୍ଡିଆ ଚାଉଳ ସବୁଠାରୁ ନିରାପଦ । ଏସବୁ ଶ୍ୱେତସାର ଆବଶ୍ୟକତା ପୂରଣ କରନ୍ତି । ଚୋପା ଥିବା ମୁଗଡାଲି, କଳା ମସୁରଡାଲି ଉତ୍ତମ । ନିୟମିତ ପାଳଙ୍ଗ, ବ୍ରୋକୋଲି, ବନ୍ଧାକୋବି, ଫୁଲକୋବି, ଗାଜର, କାକୁଡ଼ି ଓ ଟମାଟୋ ଖାଆନ୍ତୁ । ଆଳୁ, କଞ୍ଚା କଦଳୀ ଓ କନ୍ଦମୂଳଖାଆନ୍ତୁ ନାହିଁ । ମିଠାଫଳ-ମୂଳ, ଜାମ-ଜେଲି, ମୃଦୁ ପାନୀୟ ମଇଦା ଦିଆରି ଖାଦ୍ୟ ସଂପୂର୍ଣ୍ଣ ବର୍ଜନୀୟ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପ୍ରକୃତିର ବିପର୍ଯ୍ୟୟ...

୨୦୧୮ ପରେ ପୁଣି ଥରେ ପ୍ରକୃତିର ପ୍ରଳୟଙ୍କରୀ ପ୍ରକୋପର ସାମ୍ନା କରିଛି ଦକ୍ଷିଣ ଭାରତର ସମୃଦ୍ଧ ଓ ବିକଶିତ ରାଜ୍ୟ କେରଳ। ପ୍ରବଳ ବର୍ଷା ଓ ଭୂସ୍ଖଳନରେ ୱାଏନାଡ଼ ସଂସଦୀୟ କ୍ଷେତ୍ରର ଚାରିଟି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ଏହି ଆଲେଖ୍ୟ ଲେଖା ହେବା ବେଳକୁ ଏହି ବିଭୀଷିକାରେ ୨୪୦ ମୃତ ଓ ୧୩୦ ଆହତ ହୋଇଥିବା ଖବର ମିଳିଛି। ଦୁର୍ଘଟଣାରେ ଓଡ଼ିଶାର ଦୁଇଜଣ ଡାକ୍ତର ମଧ୍ୟ ନିଖୋଜ ହୋଇଯାଇଥିବାର ଦୁଃଖଦ ଖବର ମିଳିଛି। ସମ୍ଭବତଃ କେରଳ ଏହି କ୍ଷୟକ୍ଷତିର ପୁନଃଭରଣା ଖୁବ୍ ଶୀଘ୍ର କରିଦେବ। କିନ୍ତୁ ଏହାପଛର ଯେଉଁସବୁ କାରଣ ଧୀରେ ଧୀରେ ସାମ୍ନାକୁ ଆସୁଛି ତାହାର ନିରାକରଣ ପ୍ରତି ଯଦି ଯତ୍ନବାନ ନ ହୁଏ ଏପରି ଅଘଟଣମାନ ବଢ଼ି ଚାଲିଥିବ। କେରଳର ଏହି ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏ ପର୍ଯ୍ୟନ୍ତ ତୁମୁଳ ବର୍ଷାକୁ ଦାୟୀ କରାଯାଇଛି। ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ପ୍ରଭାବିତ ଅଞ୍ଚଳରେ ୧୪୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୩୦୦ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହା ଭାରତୀୟ ପାଣିପାଗ ବିଭାଗର ଆକଳନଠାରୁ ଢେର ଅଧିକ। ଭୌଗୋଳିକ ଗଠନ ଦୃଷ୍ଟିରୁ ଏହି ଅଞ୍ଚଳ ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳର ସବୁଠାରୁ ସ୍ପର୍ଶକାତର। ତେଣୁ ଯଦି ବୃଷ୍ଟିପାତର ଆଗୁଆ ସଠିକ୍ ଅନୁମାନ କରାଯାଇପାରିଥା'ନ୍ତା ହୁଏତ ଏହି ଅଞ୍ଚଳରୁ ଆଗୁଆ ଜନସ୍ଥାନାନ୍ତର କରାଯାଇ ବିପୁଳ ଜୀବନହାନିକୁ ରକ୍ଷା କରାଯାଇପାରିଥା'ନ୍ତା। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ପୁଣି ଥରେ ଆଇଏମ୍‌ଡି ପୂର୍ବାନୁମାନରେ ବିଫଳ ହେଲା, ଯାହାର ପରିଣତି ୱାଇନାଡ଼ବାସୀ ଭୋଗିଲେ। ଏ ଦିଗରେ ଆଇଏମ୍‌ଡି ଅଧିକ ଯତ୍ନବାନ ହେବା ଏବଂ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ। ଏହି ସମ୍ପୂର୍ଣ୍ଣ ଘଟଣାରେ ବର୍ଷା ବିପ୍ଳାତକୁ ଖଳନାୟକ ଭାବେ ଦର୍ଶାଯାଉଥିଲେ ହେଁ ବାସ୍ତବ ଖଳକାରକମାନ ହେଉଛି ସେଠାରେ ମଣିଷର ଅନିୟନ୍ତ୍ରିତ ମାତ୍ରାଧିକ ପରିବେଶ ଓ ପ୍ରକୃତି ବିରୋଧୀ କାର୍ଯ୍ୟକଳାପ। ପାଣିପାଗ ବିଶେଷଜ୍ଞ ମତରେ ଆରବ ସାଗରର ଉପରିସ୍ଥ ଜଳଭାଗ ଅତ୍ୟଧିକ ଉତ୍ତପ୍ତ ହେବା ଫଳରେ ଯେଉଁ ବାୟୁଚାପ ବଳୟ ସୃଷ୍ଟି ହେଲା ତାହାର ପ୍ରଭାବରେ ଆକସ୍ମିକ ବର୍ଷା ପରିମାଣ ବୃଦ୍ଧି ପାଇଲା। ସମୁଦ୍ର ଜଳସ୍ତର ବୃଦ୍ଧି ପାଇଁ ଯେ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ଜୀବାଶ୍ମ ଇନ୍ଧନ ହିଁ ଦାୟୀ ତାହା ଆଉ ବୁଝାଇ କହିବା ଆବଶ୍ୟକ ନାହିଁ। ୨୦୧୮, ୨୦୧୯, ୨୦୨୦, ୨୦୨୧ ଓ ୨୦୨୨ରେ ମଧ ଏଭଳି ସମାନ କାରଣରୁ ସେଠାରେ ପ୍ରବଳ ବର୍ଷା ଓ ପ୍ରଳୟଙ୍କରୀ ବନ୍ୟା ସୃଷ୍ଟି ହୋଇ ବ୍ୟାପକ ଧନଜୀବନ ହାନି ହୋଇଛି। ୨୦୨୨ରେ ସଂସଦରେ ପ୍ରଦତ୍ତ ତଥ୍ୟ ଅନୁସାରେ ଦେଶର ସର୍ବାଧିକ ଭୂସ୍ଖଳନ କେରଳରେ ହିଁ ସଂଘଟିତ ହେଉଛି। ଅବିଶ୍ୱସନୀୟ ଭାବେ ଏହି ସଂଖ୍ୟା ୨୦୧୫ରୁ ୨୦୨୨ ଭିତରେ ୨୨୩୯। ଏହାସତ୍ତ୍ୱେ କେରଳ ସରକାର ଜନଜୀବନର ସୁରକ୍ଷା ତୁଳନାରେ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ ଦେଇଆସୁଛନ୍ତି ଏବଂ ଏଭଳି ଦୁର୍ଘଟଣାରେ ଧନଜୀବନର ପ୍ରଭୃତି କ୍ଷତି ପ୍ରତି ସମ୍ବେଦନହୀନ ହୋଇରହିଛନ୍ତି। କେରଳର ଅର୍ଦ୍ଧାଧିକ ଭୂଭାଗ ପାହାଡ଼ ପର୍ବତ ପରିବେଷ୍ଟିତ। ସମତଳ ଜମି ବୋଲି ଯାହା ଦେଖାଯାଏ ତାହା ୨୦ ଡିଗ୍ରୀ ପର୍ଯ୍ୟନ୍ତ ଗଡ଼ାଣିଆ ବା ଢାଲୁ ହୋଇଥିବାରୁ ଅଧିକ ଭୂସ୍ଖଳନ ପ୍ରବଣ। ପଶ୍ଚିମଘାଟ ପର୍ବତମାଳାର ସବୁଠାରୁ ଅଧିକ ଭୂସ୍ଖଳନପ୍ରବଣ ଅଞ୍ଚଳ ଭାବେ କେରଳର ଇଡୁକି, ଏର୍ନାକୁଲମ୍, କୋଟାୟାମ୍, କୋଝିକୋଟ, ମାଲାପ୍ପୁରମ୍ ଓ ୱେନାଡ୍ ଅଞ୍ଚଳକୁ ଚିହ୍ନଟ କରାଯାଇଛି, ଯାହା ବର୍ତ୍ତମାନର ବର୍ଷାରେ ପ୍ରଭାବିତ ହୋଇଛି। କେରଳର ପ୍ରାୟ ୬୦ ପ୍ରତିଶତ ଭୂସ୍ଖଳନ ଏହି ଅଞ୍ଚଳରେ ହେଉଥିବା ରେକର୍ଡ ରହିଛି। ଅପରପକ୍ଷରେ ସେଠାରେ ଥିବା ପ୍ରାକୃତିକ ଜଙ୍ଗଲକୁ କାଟି ଅଧିକରୁ ଅଧିକ ରବର ଚାଷକୁ କେରଳ ସରକାର ପ୍ରାଥମିକତା ଦେଇଛନ୍ତି। ରବର ଉତ୍ପାଦନ କେରଳକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରୁଥିଲେ ମଧ ଏହି ବୃକ୍ଷଗୁଡ଼ିକ ମୃତ୍ତିକା ସଂରକ୍ଷଣ ବା ମାଟିକୁ ଜାବୁଡ଼ି ଧରି ରଖିବାରେ ସକ୍ଷମ ନୁହନ୍ତି। ଇତିମଧ୍ୟରେ କେରଳ ପର୍ଯ୍ୟଟନ ଶିଳ୍ପକୁ ଅଧିକ ପ୍ରୋତ୍ସାହନ ଦେଉଥିବାରୁ ସେଠାରେ ବହୁତଳ ହୋଟେଲ୍ ଓ ଅଟ୍ଟାଳିକା ସଂଖ୍ୟା ବଢ଼ିବାରେ ଲାଗିଛି। ଭୂସ୍ଖଳନ ପ୍ରବଣ ଜାଣି ମଧ ଏହି ନରମ ଭୂମି ଉପରେ ନିର୍ମାଣ କାର୍ଯ୍ୟ ବଢୁଥିବାରୁ ମାଟିର ଭିତ୍ତି ଆହୁରି ଦୁର୍ବଳ ହେବାରେ ଲାଗିଛି। ସୂଚନାଯୋଗ୍ୟ ଉତ୍ତରାଖଣ୍ଡରେ ମଧ ସମାନ କାରଣରୁ ଭୂସ୍ଖଳନ ବଢ଼ିବାରେ ଲାଗିଛି। ବଡ଼ କଥା ହେଉଛି ବିକାଶ ପାଇଁ ସଡ଼କ ଭିତ୍ତିଭୂମି ନିତାନ୍ତ ଆବଶ୍ୟକ। କିନ୍ତୁ ପ୍ରାକୃତିକ-ଭୌଗୋଳିକ ସମ୍ବେଦନଶୀଳ ଅଞ୍ଚଳରେ ଏଥିପାଇଁ ଯେଉଁ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ନୀତିନିୟମ ଆବଶ୍ୟକ ତାହା କେରଳରେ ପାଳନ କରାଯାଉନାହିଁ। ଏପରିକି ନଦୀର ପ୍ରାକୃତିକ ପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି କରି ସଡ଼କ ଓ କୋଠାବାଡ଼ି ନିର୍ମାଣକୁ ଅଗ୍ରାଧିକାର ଦିଆଯାଉଛି। ପଶ୍ଚିମଘାଟ ପର୍ବତମାଳା ଅଧୀନରେ ଥିବା ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ପାଇଁ ୨୦୧୧ରେ ମାଧବ ଗାଡଗିଲ୍ କମିଟି କେତେକ ସୁପାରିସ କରିଥିଲା। ବିଶେଷକରି କେରଳରେ ବାଲି ଉତ୍ତୋଳନ, ଜଳବିଦ୍ୟୁତ ଉତ୍ପାଦନ, ଖଣି ଖନନ ଓ କୋଠାବାଡ଼ି ନିର୍ମାଣ ଉପରେ କମିଟି ଅଧିକ କଟକଣା ଜାରି କରିଥିଲା। ଭାରତର ସର୍ବାଧିକ ଶିକ୍ଷିତ ଓ ଶୃଙ୍ଖଳିତ ରାଜ୍ୟ ଭାବେ କେରଳ ସୁନାମ ଅର୍ଜନ କରିଥିଲେ ମଧ କମିଟିର ପରାମର୍ଶକୁ ସେହି ରାଜ୍ୟ ହିଁ ଅଧିକ ହତାଦର କରୁଛି ଏବଂ ତାହାର ପରିଣାମ କେରଳବାସୀଙ୍କୁ ଭୋଗିବାକୁ ପଡୁଛି।



# ଆଳୁ ଚାଷରେ ସ୍ୱାବଲମ୍ବୀ କେବେ ହେବା !!!

### ଡି ଶୁଭମ୍

ଏବେ ସମସ୍ତଙ୍କ ସୋସିଆଲ ମିଡିଆରେ ଗୋଟିଏ କଥା ବେଶୀ ଚର୍ଚ୍ଚାରେ। ଆଉ ଏହାର ମୁଖ୍ୟ ପ୍ରସଙ୍ଗ ହେଲା ଆଳୁର ଦରବୃଦ୍ଧି। ଆମେ ସମସ୍ତେ ଜାଣୁ ଯେ ଆଳୁ ଏମିତି ଏକ ପରିବା ମଧ୍ୟରେ ଅନ୍ତର୍ଭୁକ୍ତ ଯାହା ଆମ ନିତିଦିନିଆ ଖାଦ୍ୟରେ ପ୍ରାୟତଃ ଆବଶ୍ୟକ ପଡ଼େ। ସେଥିପାଇଁ ଏହାକୁ ନେଇ ଏତେ ଚର୍ଚ୍ଚା ଓ ଆଲୋଚନା। ପ୍ରାୟ ବର୍ଷବର୍ଷ ଧରି ଆମ ରାଜ୍ୟ ଆଳୁ ପାଇଁ ପଡ଼ୋଶୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରିଆସେ। ୨୦୨୧-୨୨ର ଏକ ରିପୋର୍ଟ ଅନୁସାରେ ସାରା ଦେଶର ଆଳୁ ଉତ୍ପାଦନରେ ୨୩.୫୧ ପ୍ରତିଶତ କେବଳ ପଶ୍ଚିମବଙ୍ଗରୁ ହିଁ ଉତ୍ପାଦିତ ହୋଇଥାଏ। ଏତଦବ୍ୟତୀତ ଆମ ରାଜ୍ୟ ୧୪-୧୫ଲକ୍ଷ ମେଟ୍ରିକ ଟନ ଆଳୁ ପ୍ରତିବର୍ଷ ନିର୍ଭର କରୁଥିବା ବେଳେ ଆମ ରାଜ୍ୟର ଉତ୍ପାଦନ ହାର ଏହାକୁ ପୂରଣ କରିବାରେ ସକ୍ଷମ ହୋଇ ପାରେନାହିଁ। ତେଣୁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ତେବେ କଥା ହେଲେ। ଆମେ କ'ଣ ପାଇଁ ଆଳୁ ଉତ୍ପାଦନରେ ନିଜେ ସଶକ୍ତ ହୋଇନପାରିବା ? ଆମ ଚାଷୀ କଣ ପାଇଁ କେବଳ ଧାନ ଚାଷ କରିବେ? ଆମ ଚାଷୀ କଣ ସବୁବେଳେ ଅନ୍ୟ ରାଜ୍ୟ ଉପରେ ଏମିତି ନିର୍ଭର କରି ରହିବେ ? ଏହାର ସମୁହିକ ଉତ୍ତର ନାଁ ହେବା ବାଂଛନୀୟ। କାରଣ ଓଡ଼ିଶା ଚାଷୀକୁଳର ରାଜ୍ୟ। ଆମ ରାଜ୍ୟରେ ବି ଭଳିକି ଭଳି ପନିପରିବା ଉତ୍ପାଦନ ହୋଇପାରେ। ଆପଣ ଲକ୍ଷ୍ୟ କରିବେ ରାଜ୍ୟର ଅନେକ ଅଂଚଳରେ ଖରିଫରେ ଧାନ ଚାଷ ହେଉଥିବା ବେଳେ ରବିରେ ମୁଗ, ବିରି , ବାଦାମ ପରି ଅନେକ ଫସଲ କରି ନିଜେ ଚାଷ କରି ସ୍ୱାବଲମ୍ବୀ ମଧ ହୋଇପାରିଛନ୍ତି। ତେବେ ପଡ଼ୋଶୀ ରାଜ୍ୟର ଅଧିକ ଉତ୍ପାଦନ ଏବଂ ଏହାର ଆବଣ୍ଟନରେ ଶିଥିଳତା ଯୋଗୁଁ ଉତ୍ପାଦ ଗୁଡ଼ିକ ସଠିକ ସମୟରେ ପହଁଚି ନପାରି ଏହା ଆମ ରାଜ୍ୟରେ ଏକ ବୃହତ ଆଲୋଡ଼ନ ସୃଷ୍ଟି କରେ। ଖାଉଟି ମାନଙ୍କ ମଧରେ ନାହିଁ ନଥିବା ଆଲେଚନା ହୁଏ।

ଷୋଡ଼ଶ ଶତାବ୍ଦୀରେ ଆଳୁର ଜନ୍ମସ୍ଥାନ ୟୁରୋପରେ ବୋଲି କୃଷି ବିଜ୍ଞାନ କହେ। ୟୁରୋପୀୟ ମାନଙ୍କ ଓଡ଼ିଶା ଆଗମନ ଫଳରେ ଏହା ଭାରତରେ ନିଜର ପରିଚୟ ସୃଷ୍ଟି କଲା। ଭାରତବର୍ଷରେ ଅଧିକ ଆଳୁ ଉତ୍ପାଦନକାରୀ ରାଷ୍ଟ୍ର ଭାବରେ ଉତ୍ତରପ୍ରଦେଶର ନାଁ ସର୍ବାଗ୍ରେ ରହିଆସିଛି। ଆଳୁ ଫସଲ ଚାଷ କରିବାକୁ ସାଧାରଣତଃ ୨୦-୩୦ ଡ଼ିଗ୍ରୀ ତାପମାତ୍ରା ଆବଶ୍ୟକ ହୋଇଥାଏ। ୮୫ ପ୍ରତିଶତ ଆଳୁ ଦେଶର ଉତ୍ତର ପୂର୍ବ ଅଂଚଳରେ ହିଁ ଉତ୍ପାଦନ ହୋଇଥାଏ। ୨୦୦୮ ମସିହାକୁ ଆନ୍ତର୍ଜାତୀୟ ଆଳୁ ବର୍ଷ ହେବା ଘୋଷଣା ହେବା ପରଠାରୁ ଏ ଦିଗରେ ଅନେକ କାର୍ଯ୍ୟକ୍ରମ ଆଗକୁ ନିଆଯାଇଛି। ଅନେକ ସମୟରେ ଭାରତର ଉତ୍ତର ପୂର୍ବ ଅଂଚଳରେ ଏହାର ଅଧିକ ଉତ୍ପାଦନ ଦେଖିବାକୁ ମିଳିଥାଏ। ତେବେ ଓଡ଼ିଶାର ମୁଖ୍ୟତଃ ଶୀତ ସମୟର ତାମାପାତ୍ରା ଆଳୁ ଚାଷ ପାଇଁ ସହାୟକ ହେଇଥାଏ। ଚାଷୀ ମାନେ ଏହି ସମୟରେ ଏହାର ଚାଷ ଦିଗରେ ଅଧିକ ଆଗ୍ରହୀ ହେବା ଆବଶ୍ୟକ। ତେବେ ଅଧିକରୁ ଅଧିକ ଟ୍ୟୁବର ଉତ୍ପାଦନ କ୍ଷେତ୍ରରେ ସ୍ୱତନ୍ତ୍ର ପଦକ୍ଷେପ ନେବା ଜରୁରୀ। ତେଣୁ ଯେତେବେଳ ଆମର ଚାହିଦା ଅଧିକ ପଡୁଛି ଓ ସେହି ସମୟରେ ତାହା ଖାଉଟିଙ୍କ ଆବଶ୍ୟକତାକୁ ପୂର୍ଣ୍ଣ କରିପାରେନି, ଏହାର ମୂଲ୍ୟ ବଢ଼ିଥାଏ। ଯାହାକୁ ଆମେ ଅର୍ଥନୀତି ଭାଷାରେ ଚାହିଦା ଓ ଆବଣ୍ଟନ ମଧରେ ଏକ ଅନ୍ତର ବୋଲି କହିଥାଉ। ତେବେ କୋରାପୁଟର ବିଭିନ୍ନ ବ୍ଲକ ଓ ଏହା ଆଖପାଖ ଜିଲ୍ଲା ମାନଙ୍କରେ ଚାଷୀ ଆଗ୍ରହୀ ଥିବା ବେଳେ ଶୀତଳଭଣ୍ଡାରର ଅଭାବ ଏଥି ଦିଗରେ ଏକ ପ୍ରତିବନ୍ଧକ ସୃଷ୍ଟି କରୁଛି। ଅନ୍ୟଥା ଆମ ଚାଷୀ ବି ଆଳୁ ଉତ୍ପାଦନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ।

ଏମିତିକି ଆମ ଓଡ଼ିଶାରେ ଅନେକ ଦେଶୀ ଆଳୁ ଚାଷ କରାଯାଉଥିବା ବେଳେ ଆମେ ଅନେକ ଆଳୁ ବିହନକୁ ମଧ ଚାଷ କ୍ଷେତ୍ରରେ ଆପଣେଇପାରିବା। କୁଫ୍ରି ସଦାବାହାର , କୁଫ୍ରୀ ଗିରିଧାରୀ, କୁଫ୍ରୀ ହିମସୋନା , କୁଫ୍ରୀ ହିମାଳିନୀ ପରି କିସମକୁ ଚାଷୀ ମାନେ ଆପଣେଇପାରିବେ। ଏହା ବ୍ୟତୀତ ୮୦-୯୦ ଦିନିଆ ଆଳୁ କିସମ ମଧରେ କୁଫ୍ରୀ ଚନ୍ଦ୍ରମୁଖୀ , କୁଫ୍ରୀ ଆଶୋକ ଓ ୯୦-୧୦୦ ଦିନିଆ କିସମ ମଧରେ କୁଫ୍ରୀ ସତଲେଜ , କୁଫ୍ରୀ ଆନନ୍ଦ ପରି କିସମକୁ ଆମେ ଚାଷ କରିପାରିବା। ଏ ଦିଗରେ କେନ୍ଦ୍ରୀୟ ଆଳୁ ଗବେଷଣା ସଂସ୍ଥା, ସିମଳା ସ୍ୱତନ୍ତ୍ର ସାହାଯ୍ୟ କରୁଛି।

ସାଧାରଣତଃ ରବି ଋତୁ ଓ ମୌସୁମୀର ଅବ୍ୟବହିତ ପରେ ଖରିଫରେ ମଧ ଓଡ଼ିଶାରେ ଅନେକ ସ୍ଥାନରେ ଆଳୁ ଚାଷ କରାଯାଏ। ମୁଖ୍ୟ ଆଳୁ ଉତ୍ପାଦନକାରୀ ଜିଲ୍ଲା ଭାବରେ କୋରାପୁଟ କନ୍ଧମାଳ, ସମ୍ବଲପୁର ପରି ଅନେକ ଜିଲ୍ଲା ଅନ୍ତର୍ଗତ ଅଟେ। ତେବେ କୋରାପୁଟ ଓ କନ୍ଧମାଳର ପାହାଡ଼ିଆ ପାଦଦେଶରେ ବି ଅନେକ ପରିମାରରେ ଆଳୁଚାଷ କରାଯାଏ। ପ୍ରସଙ୍ଗ ଏହା କି ଧାନ ପାଇଁ ଆମେ ଯେତିକି ସଚେତନ ଆଳୁ ପାଇଁ କାହିଁକି ହୋଇପାରିବାନି ? ଅଖିମୁଠି ଅନୁକୂଳ ପରେ ଚାଷୀ ଯେମିତି ଧାନ ଚାଷ ପାଇଁ ସଜବାଜ ହେବା ଆରମ୍ଭ କରି ଶ୍ୟାମଳ ଜମିରେ ସୁବର୍ଣ୍ଣର ଧାନ କେଣ୍ଡା ଉଡ଼ାଇବାକୁ ପ୍ରଚେଷ୍ଟା କରେ ଏହାର ଅମଳ ପରେ ଆମେ ଆଳୁ ଚାଷ ପାଇଁ ସେତିକି ପ୍ରାଧାନ୍ୟ ଦେଇନଥାଉ। ତେବେ ସଫଳତା ଓ ବିଫଳତା ବିଷୟରେ ଏବେ ଅନେକ ଆଡ଼େ ଆଲୋଚନା ହେଉଛି। ଏଥିରୁ ବିରତ ରହି ଆମେ କିପରି ଆଳୁ ଚାଷ ଉପରେ ଅଧିକ ସଚେତନତା ସୃଷ୍ଟି କରିପାରିବା ଓ ଏହାର ଉତ୍ପାଦନ ଦିଗରେ କିପରି ଏକ ସମୁହିକ ପ୍ରୟାସ ଜାରି ରଖିବା ସେ ଦିଗରେ ଚିନ୍ତା କରିବାର ସମୟ ଉପନୀତ। କାରଣ କେବଳ ଆଳୁର ଦର ବଢ଼ିଲେ ଆମେ ଆଳୁ ଚାଷ କଥା ଚିନ୍ତା କରିଥାଉ। ଆଉ ଯେତେବେଳେ ଦର ନିୟନ୍ତ୍ରଣକୁ ଆସିଯାଏ , ତା ପରେ ଏହାକୁ ସମ୍ପୂର୍ଣ୍ଣ ରୂପେ ପାଶୋରିଯାଉ। ଏତଦବ୍ୟତୀତ ଜଳବାୟୁ ପରିବର୍ତ୍ତନ , ଅତ୍ୟଧିକ ତାପମାତ୍ରା ଓ ବର୍ଷାର ଆବଣ୍ଟନର ଅନିୟମିତତା ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ସୃଷ୍ଟି କରିଛି। ମୁଖ୍ୟତଃ ଏହି ଜଳବାୟୁ ପରିବର୍ତ୍ତନ ଗୋଟିଏ ପଟେ ଉତ୍ପାଦ କମାଇଥିବା ବେଳେ ଆମ ଲୋକମାନଙ୍କ ମନରେ ଚାଷ ପାଇଁ ଉତ୍ସାହ ଓ ଆଗ୍ରହ ବି ସମପରିମାଣରେ ମିଛି। ଆମେ ସହରୀକରଣ ର ଢ଼ାଂଚାରେ ଆଉ ନିଜ ବାଡ଼ିରେ ପନିପରିବା ଟିଏ ବି ଲଗାଉନାହାନ୍ତି। ପାକାଶାଳା ବଗିଚା ଆଉ ରୁଫଟପ ଗାର୍ଡ୍ରେନିଙ୍ଗ ଆଜି କେବଳ କଥାରେ ସୀମିତ ରହିଯାଇଛି। ଚୁକ୍ତିଭିତ୍ତିକ ଚାଷ ବା କଣ୍ଟ୍ରାକ୍ଟ ଫାର୍ମିଙ୍ଗ ଯାହା କି ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିଥାନ୍ତା, ଆଜି ସେସବୁ କ୍ୱଚିତ ଦୃଶ୍ୟମାନ ହେଉଛି।

ତେବେ ପ୍ରଥମତଃ ଗ୍ରାମ ପଂଚାୟତ ସ୍ତରରେ କ୍ଷୁଦ୍ର ଶୀତଳଭଣ୍ଡାର ଗଠନ ଦିଗରେ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଯାହା ଦ୍ୱାରା ଚାଷୀ ଏ ଦିଗରେ ଉତ୍ପାଦନ କରିବାକୁ ମନ ବଳାଇବ। ଏହା ଦ୍ୱାରା ଉତ୍ପାଦକ ଓ ଖାଉଟି ମଧରେ ଏକ ଯୋଗସୂତ୍ର ସ୍ଥାପନ ହୋଇପାରିବ। ଉନ୍ନତ ଆଳୁ କିସମ ଓ ଏହାର ଉପକାରିତା ବିଷୟରେ ଚାଷୀ ମାନଙ୍କ ମଧରେ ସଚେତନତା ସୃଷ୍ଟି କରିବ। ପୂର୍ବ ପ୍ରସ୍ତୁତି ସହ ସ୍ୱତନ୍ତ୍ର ଯୋଜନା ମୁତାବକ ଆଳୁ ଚାଷ ପାଇଁ ଆବଶ୍ୟକୀୟ ଉପାଦାନ ଚାଷୀ ମାନଙ୍କୁ ଯୋଗାଇ ଦେବା ଦିଗରେ ଏକ ଦୀର୍ଘମିଆଦି କାର୍ଯ୍ୟପନ୍ଥା ସ୍ଥିର ହେବା ଆବଶ୍ୟକ। ଉପଯୁକ୍ତ ଜଳସେଚନର ସୁବିଧା ତଥା ଆଳୁ ଉତ୍ପାଦ କାରୀ ଜିଲ୍ଲା ମାନଙ୍କରେ ସୌର ଚାଳିତ ପମ୍ପ ଦ୍ୱାରା କିପରି ସୁବିଧାରେ ଜଳସେଚନ କରା ଯାଇପାରିବ, ସେ ଦିଗରେ ଅନୁଧାନ କରାଯିବା ଜରୁରୀ। ଆଳୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯିବା ସହ ଚାଷୀ କିପରି ଏହାର ପ୍ରତ୍ୟକ୍ଷ ହିତାଧିକାରୀ ହୋଇପାରିବ ଓ ମଣ୍ଡି ମାନଙ୍କରେ କଟନୀ ଛଟନୀ ର ବନ୍ଦ ହେବା ଜରୁରୀ। ଆଳୁର ସଂରକ୍ଷଣ ଦିଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ସାଥ କରି ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଆଳୁ ବିହନ ସଂରକ୍ଷଣ ଓ ଏହାର ସଚେତନା ଦିଗରେ କୃଷକ ମାନଙ୍କ ମଧରେ କର୍ମଶାଳା କରାଯିବା ଆବଶ୍ୟକ। ଫସଲ ବିବିଧିକରଣ ମାଧ୍ୟମରେ ଚାଷୀ ମାନେ କେବଳ ଧାନ ନକରି ଧାନ ପରେ ଆଳୁ ଚାଷ ଉପରେ କିପରି ପ୍ରାଥମିକତା ଦେବେ ସେଦିଗରେ ମଧ କାର୍ଯ୍ୟ କରିବା ଆବଶ୍ୟକ। ଆଳୁ ଚାଷର ମୋଟ ଉତ୍ପାଦିତ କ୍ଷେତ୍ରର ପରିମାଣ ବୃଦ୍ଧି କରାଯିବା ସହ ଚାଷୀ ମାନଙ୍କ ମଧରେ ପ୍ରଥମେ ଏ ଦିଗରେ ଆଗ୍ରହ ସୃଷ୍ଟି କରାଇବାକୁ ପଡ଼ିବ। ଅନେକ ବେସରକାରୀ ସଂସ୍ଥା ସିଏସଆର ପ୍ରକଳ୍ପ ହେଉ ଅବା ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ଆଳୁ ଚାଷ ଦିଗରେ ସଚେତତନା ସୃଷ୍ଟି କରାଯାଇପାରିବ। ଅନେକ ଗୁଡ଼ିଏ ଷ୍ଟାର୍ଟଅପ୍ ଆଳୁ ଚାଷର ଭାଲ୍ୟୁ ଆଡ଼ିସନ ଓ ପ୍ରକ୍ରିୟାକରଣ ଦିଗରେ ଚିନ୍ତା କରି ମଡ଼େଲ ପ୍ରକଳ୍ପ କରିପାରିବେ। ଯୁବ ଉଦ୍ୟୋଗୀ ମାନେ ଆଳୁ ଚାଷ କରିବା ଦିଗରେ କିପରି ପ୍ରୋତ୍ସାହିତ ହେବେ ସେ ଦିଗରେ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଯୋଜନା କରାଯିବା ଆବଶ୍ୟକ। ଏସବୁର ସର୍ବଦିଗ ସମନ୍ୱୟ ରହିଲେ ହେଁ ଆମେ ଆଳୁ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିବା।


(ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା , ଭୁବନେଶ୍ୱର,
ମୋ- ୯୪୩୮୪୬୭୦୭୯




# ଅସୁରକ୍ଷିତ ଟ୍ରେନ୍ ଯାତ୍ରା

### ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଦିନକୁ ଦିନ ରେଳ ଦୁର୍ଘଟଣା ବନ୍ଦ ହେଉନାହିଁ । ଜୁଲାଇ ୩୦ ରେ, ସକାଳେ ମୁମ୍ବାଇ-ହାୱଡ଼ା ମେଲର ଅଷ୍ଟାଦଶ କୋଚ୍ ଝାଡଖଣ୍ଡର ଚକ୍ରଧରପୁରରେ ଡେରି କରିଥିଲେ । ଏଥିରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ଆଠ ଜଣ ଆହତ ହୋଇଛନ୍ତି । ଗୋଟିଏ ଦିନ ପୂର୍ବରୁ ସେହି ସ୍ଥାନରେ ଏକ ସାମଗ୍ରୀ ଟ୍ରେନ୍ ଚଳାଚଳ କରିଥିଲା । ଏହାର ଦଶ ଦିନ ପୂର୍ବରୁ, ଜୁଲାଇ ୨୦ ରେ, ଗୋଣ୍ଡା ଠାରୁ ଗାଜିଆବାଦ ଅଭିମୁଖେ ଯାଉଥିବା ଏକ ସାମଗ୍ରୀ ଟ୍ରେନର ଦଶ କୋଚ୍ ଆମ୍ରୋହା ରେଳ ଷ୍ଟେସନ ନିକଟରେ ଓଲଟି ପଡିଥିଲା । ସେଥିମଧ୍ୟରୁ ଦୁଇଟି ରାସାୟନିକ ପଦାର୍ଥରେ ଭର୍ତ୍ତି ଟ୍ୟାଙ୍କର୍ ଥିଲା । ଜୁଲାଇ ୧୯ ରେ ଗୁଜୁରାଟର ଭାଲସାଡ ଓ ସୁରଟ ଷ୍ଟେସନ ମଧ୍ୟରେ ଏକ ସାମଗ୍ରୀ ଟ୍ରେନ ମଧ ଚଳାଚଳ କରିଥିଲା । ଏହାପୂର୍ବରୁ ଜୁଲାଇ ୧୮ ରେ ଉତ୍ତରପ୍ରଦେଶର ଗୋଣ୍ଡା ଜିଲ୍ଲାରେ ଏକ ବଡ଼ ରେଳ ଦୁର୍ଘଟଣା ଘଟିଥିଲା, ଯେତେବେଳେ ଚଣ୍ଡିଗଡ଼ରୁ ଆସାମକୁ ଯାଉଥିବା ଚଣ୍ଡିଗଡ଼-ଡିବ୍ରୁଗଡ ଏକ୍ସପ୍ରେସର ପ୍ରାୟ ଊନବିଂଶ ବଗି ଗୋଣ୍ଡା-ଗୋରଖପୁର ରେଳ ଲାଇନରେ ଓଲଟି ପଡିଥିଲା। । ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଯାତ୍ରୀ ଆହତ ହୋଇଛନ୍ତି ।

ବରିଷ୍ଠ ରେଳ ଅଧିକାରୀଙ୍କ ପାଞ୍ଚ ଜଣିଆ ଅନୁସନ୍ଧାନକାରୀ ଦଳର ପ୍ରାଥମିକ ଅନୁସନ୍ଧାନ ରିପୋର୍ଟରେ ଡିବ୍ରୁଗଡ ଏକ୍ସପ୍ରେସ ଟ୍ରେନ ଦୁର୍ଘଟଣା ପଛରେ ଇଞ୍ଜିନିୟରିଂ ବିଭାଗର ଅବହେଳା ପ୍ରକାଶ ପାଇଛି । କୁହାଯାଇଛି ଯେ ଯେଉଁଠାରେ ଟ୍ରେନ୍ ଚଳାଚଳ କରିଥିଲା, ସେହି ସ୍ଥାନରେ ଚାରି ଦିନ ଧରି ଟ୍ରାକରେ 'ବାକିଂ' (ଉତ୍ତାପ ହେତୁ ଟ୍ରାକର ସମ୍ପ୍ରସାରଣ) ଚାଲିଥିଲା । ସେଠାରେ ଟ୍ରେନ୍ ଘଣ୍ଟା ପ୍ରତି ତିରିଶ କିଲୋମିଟର ବେଗରେ ଚାଲିବାକୁ ଥିଲା । କିନ୍ତୁ ସୂଚନା ବିଳମ୍ବରେ ଦିଆଯାଇଥିଲା, ଯେଉଁ କାରଣରୁ ଲୋକୋ ପାଇଲଟ୍ ସତର୍କ ରହିବାକୁ ସମୟ ପାଇଲେ ନାହିଁ । ଏହି ଧକ୍କା ପାଇବା ପରେ ଲୋକୋ ପାଇଲଟ୍ ଜରୁରୀକାଳୀନ ବ୍ରେକ୍ ପ୍ରୟୋଗ କରିଥିଲେ । କିନ୍ତୁ ସେହି ସମୟରେ ଟ୍ରେନର ବେଗ ଘଣ୍ଟା ପ୍ରତି ୮୬ କିଲୋମିଟର ଥିଲା । ଟ୍ରେନ୍ ୪୦୦ ମିଟର ଦୂରରେ ଅଟକି ଯାଇଥିଲା, ସେତେବେଳକୁ ର ଊନବିଂଶ ବଗି ଖସି ଯାଇଥିଲା । ଏହାପୂର୍ବରୁ ଜୁନ୍ ୧୭ ରେ ପାଇଲଟ୍ ;୫୮ ସହ-ପାଇଲଟ୍ ଙ୍କ ସମେତ ପ୍ରାୟ ପନ୍ଦର ଜଣଙ୍କର ମୃତ୍ୟୁ ଘଟିଥିଲା ?, ଯେତେବେଳେ ଅଗରତାଲା ଠାରୁ ସିଲଡାକୁ ଯାଉଥିବା କାଞ୍ଚେଞ୍ଜୁଙ୍ଗା ଏକ୍ସପ୍ରେସର କିଛି ବଗି ଟ୍ରେନ୍ ଧକ୍କା ହେବା ପରେ ଖସିପଡିଥିଲା । 'ସଙ୍କେତ'ରେ ତ୍ରୁଟି ଏବଂ' ମେମୋ'ରେ ତ୍ରୁଟି ହେତୁ ଏହି ଦୁର୍ଘଟଣା ଘଟିଛି । ବାରମ୍ବାର ରେଳ ଦୁର୍ଘଟଣା ଏକ ଚିନ୍ତାର ବିଷୟ ପାଲଟି ଯାଇଛି ।

ଗତ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ ସରକାର କହିଛନ୍ତି ଯେ ୨୦୧୪ ରୁ ୨୦୨୩ ପର୍ଯ୍ୟନ୍ତ ପ୍ରତିବର୍ଷ ହାରାହାରି ସତୁରି ଜଣ ରେଳ ଦୁର୍ଘଟଣା ଘଟିଥିଲାବେଳେ ୨୦୦୪ ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ୧୭୧ ରେଳ ଦୁର୍ଘଟଣା ଘଟିଥିଲା । ୨୦୧୪ ପୂର୍ବରୁ ଦଶ ବର୍ଷ ମଧ୍ୟରେ ଘଟିଥିବା ରେଳ ଦୁର୍ଘଟଣା ତୁଳନାରେ ଏହି ଦଶ ବର୍ଷ ମଧ୍ୟରେ ରେଳ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି । ରେଳ ସୁରକ୍ଷା ପାଇଁ ପ୍ରତିବର୍ଷ ହାରାହାରି ୧୭୮୦୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଯାହା ୨୦୧୪ ପୂର୍ବ ତୁଳନାରେ ଅଢ଼ଇ ଗୁଣ ଅଧିକ । ୨୦୧୫ ରୁ ୨୦୨୩ ଆର୍ଥିକ ବର୍ଷ ମଧ୍ୟରେ ଟ୍ରାକର ଉନ୍ନତି ଏବଂ ମରାମତି ପାଇଁ ପ୍ରତିବର୍ଷ ହାରାହାରି ୧୦୨୦୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୨୦୦୫ ରୁ ୨୦୧୪ ଆର୍ଥିକ ବର୍ଷ ମଧ୍ୟରେ ପ୍ରତିବର୍ଷ ହାରାହାରି ୪୭୦୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏହା ସତ୍ତ୍ୱେ ବର୍ତ୍ତମାନର ଚିତ୍ର କମ୍ ଭୟଭୀତ ନୁହେଁ, କାରଣ ଏଭଳି ପରିସ୍ଥିତି ଜାରି ରହିଛି ଯେଉଁଥିରେ ବାଲାସୋର ଏବଂ ନ୍ୟୁ ଜାଲପାଇଗୁରୀ ପରି ହୃଦୟ ବିଦାରକ ରେଳ ଘଟଣା ଘଟିଥାଏ ।

ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ହାରାହାରି ଚାଳିଶଟି ଗୁରୁତର ରେଳ ଦୁର୍ଘଟଣା ଘଟିଛି । ଭାରତୀୟ ରେଳ ଅନୁଯାୟୀ, ଗୁରୁତର ରେଳ ଦୁର୍ଘଟଣାରେ ଯାତ୍ରୀଙ୍କ ଗୁରୁତର ଆଘାତ, ରେଳ ଚଳାଚଳ ବ୍ୟାହତ ହେବା ଓ ରେଳ ସମ୍ପତ୍ତି ନଷ୍ଟ ହେବାର ଯଥେଷ୍ଟ ଦୃଷ୍ଟାନ୍ତ ରହିଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ମେ ୨୦୨୩ ସୁଦ୍ଧା ୬୪୨୭ ଷ୍ଟେସନରେ ମାନବ ବିଫଳତା ହେତୁ ଦୁର୍ଘଟଣାକୁ ରୋକିବା ପାଇଁ 'ସିଗନାଲ୍' ଓ 'ପଏଣ୍ଟ'ର କେନ୍ଦ୍ରୀଭୂତ କାର୍ଯ୍ୟ ସହିତ ଏକ ବୈଦ୍ୟୁତିକ ତଥା ଇଲେକ୍ଟ୍ରୋନିକ୍' ଇଣ୍ଟରଲକିଂ 'ସିଷ୍ଟମ୍ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ୧୧୦୪୩ ସ୍ତରୀୟ କ୍ରସିଂରେ 'ଇଣ୍ଟରଲକିଂ' ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ପ୍ରାୟ ଏକ ବର୍ଷ ପୂର୍ବେ ବାଲାସୋରରେ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ଯେତେବେଳେ ତିନୋଟି ଟ୍ରେନ୍ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ, ପ୍ରଥମେ ଯାନ୍ତ୍ରିକ ସମସ୍ୟା ଓ ମାନବୀୟ ତ୍ରୁଟି ଦାୟୀ ବୋଲି କୁହାଯାଇଥିଲା ।

ରେଳ ସୁରକ୍ଷା ଓ ଯାତ୍ରୀ ନିରାପତ୍ତା ସହ ଜଡିତ ଏକ ପ୍ରଶ୍ନର ଉତ୍ତରରେ ସଂସଦରେ କୁହାଯାଇଛି ଯେ ରେଳ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ରେଳ କର୍ମଚାରୀଙ୍କ ବିଫଳତା, ଟ୍ରେନର ତ୍ରୁଟି, ମେସିନ ଓ ସାଧାରଣ ଦଙ୍ଗାକାରୀମାନଙ୍କ ଭଙ୍ଗାରୁଜା । ରେଳ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେବାର ଏକ ମୁଖ୍ୟ କାରଣ ହେଉଛି ରେଳ ଟ୍ରାକର ଅବ୍ୟବସ୍ଥା ଅବସ୍ଥା । ଯାହା ଫଳରେ ଟ୍ରେନ୍ କେବେ ଓ କେଉଁଠାରେ ଏକ ବଡ଼ ଦୁର୍ଘଟଣାର ଶିକାର ହେବ ତାହା କହିବା କଷ୍ଟକର । ଦେଶର ପ୍ରାୟ ସମସ୍ତ ସ୍ଥାନରେ, ଟ୍ରାକଗୁଡ଼ିକ ସେମାନଙ୍କର କ୍ଷମତାଠାରୁ ଅନେକ ଗୁଣ ଅଧିକ ଭାର ବହନ କରୁଛନ୍ତି । ଭାରତୀୟ ରେଳବାଇର ୧୨୧୯ ରେଳ ବିଭାଗର ପ୍ରାୟ ୪୦ ପ୍ରତିଶତ ଟ୍ରେନ୍ ଉପରେ ଓଭରଲୋଡ୍ ହୋଇଛି । ଏକ ରିପୋର୍ଟ ଅନୁଯାୟୀ, ୨୪୭ ରେଳ ବିଭାଗ ମଧ୍ୟରୁ ପ୍ରାୟ ୬୫ ପ୍ରତିଶତ ଲୋକ ୧୦୦ ପ୍ରତିଶତରୁ ଅଧିକ କ୍ଷମତା ବହନ କରିବାକୁ ବାଧ ହେଉଛନ୍ତି । ଏପରିକି କେତେକ ରେଳ ବିଭାଗରେ ଟ୍ରେନଗୁଡ଼ିକର ମୋଟ କ୍ଷମତାଠାରୁ ୨୨୦ ପ୍ରତିଶତ ଅଧିକ ଟ୍ରେନ୍ ଚାଲୁଛି ।

ଆମେରିକା, ରୁଷ ଏବଂ ଚୀନ୍ ପରେ ଭାରତୀୟ ରେଳ ହେଉଛି ବିଶ୍ୱର ଚତୁର୍ଥ ଲମ୍ବା ରେଳ ନେଟୱାର୍କ, ଯାହାକୁ ଭାରତର 'ଲାଇଫ୍ ଲାଇନ୍' ମଧ କୁହାଯାଏ । ପ୍ରତିଦିନ ୨.୫ କୋଟିରୁ ଅଧିକ ଯାତ୍ରୀ ରେଳ ଯୋଗେ ଯାତ୍ରା କରନ୍ତି ଏବଂ ୨୮ ଲକ୍ଷ ଟନ୍ ରୁ ଅଧିକ ମାଲ ପରିବହନ କରାଯାଇଥାଏ। ରେଳ ବଜେଟ୍ ୨୦୧୬-୦୧୭ ରେ ତତ୍କାଳୀନ ରେଳ ମନ୍ତ୍ରୀ ରେଳ ଦୁର୍ଘଟଣାକୁ ରୋକିବା ପାଇଁ 'ମିଶନ୍ ଜିରୋ ଦୁର୍ଘଟଣା' ନାମକ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଥିଲେ । ଯାହା ପରେ ଦ୍ରୁତ ଟ୍ରାକ୍ ନବୀକରଣ, ଅଲଟ୍ରାସୋନିକ୍ ରେଳ ପରିଚୟ ବ୍ୟବସ୍ଥା ମାନବବିହୀନ ରେଳ କ୍ରସିଂକୁ ପ୍ରାଥମିକତା ଭିତ୍ତିରେ ହଟାଇବା ପାଇଁ ଘୋଷଣା କରାଯାଇଥିଲା । ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ କାର୍ଯ୍ୟ ପରି ଆରମ୍ଭ ହୋଇଥିଲା । ବର୍ତ୍ତମାନ ଏହି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅଛି । ରେଳ ମନ୍ତ୍ରଣାଳୟକୁ ମଧ ଏହାର ମୂଳ କାରଣ ନିରୂପଣ କରିବାକୁ ପଡିବ ଯେଉଁ କାରଣରୁ ଏପରି ଦୁର୍ଘଟଣା ଜାରି ରହିଛି ।

ଏହା ନୁହେଁ ଯେ ଅନ୍ୟ ଦେଶରେ ରେଳ ଦୁର୍ଘଟଣା ଘଟେ ନାହିଁ, କିନ୍ତୁ ଯେତେବେଳେ ଆମେ ବୁଲେଟ୍ ଟ୍ରେନ୍ ବିଷୟରେ ସ୍ୱପ୍ନ ଦେଖୁଛୁ, ଜାପାନ, ଚୀନ୍, ଫ୍ରାନ୍ସ, ଆମେରିକା, ବ୍ରିଟେନ, ଜର୍ମାନୀ ଇତ୍ୟାଦି ଦେଶରେ ଟ୍ରେନ୍ ପ୍ରତି ତିନି ଶହ କିଲୋମିଟର ବେଗରେ ଚାଲୁଥିବା ଟ୍ରେନ୍ ଗୁଡିକ ଘଣ୍ଟା ସାଧାରଣ ଅଟେ ଏହା ସତ, କିନ୍ତୁ ତଥାପି ସେଠାରେ ରେଳ ଦୁର୍ଘଟଣା ସଂଖ୍ୟା ଅଳ୍ପ ଅଟେ । ଆମ ଦେଶରେ ରେଳ ଦୁର୍ଘଟଣାର ଏକ ପ୍ରମୁଖ କାରଣ ହେଉଛି ପୁରୁଣା ଟେକ୍ନୋଲୋଜିର ରକ୍ଷଣାବେକ୍ଷଣ ଓ ବ୍ୟବହାରିକ ଅଭାବ। ଅପରେଟିଂ କର୍ମଚାରୀଙ୍କ ଥକ୍କା ଯିବା ଓ ଦୃଷ୍ଟି ଶକ୍ତିର ଅଭାବ ମଧ ରେଳ ଦୁର୍ଘଟଣାର କେତେକ ମୁଖ୍ୟ କାରଣ ବୋଲି ବିବେଚନା କରାଯାଏ ।

ରେଳ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ରେଳ ଭିତ୍ତିଭୂମିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ତଥା ନୂତନ ବୈଷୟିକ ଉପକରଣ ବ୍ୟବହାର କରିବା ସହିତ ଟ୍ରେନ୍ ଡ୍ରାଇଭରମାନଙ୍କ ପାଇଁ ନିୟମିତ ତାଲିମ ଓ ସୁରକ୍ଷା ସଚେତନତା ବୃଦ୍ଧି କରିବାର ଏକ ଯଥେଷ୍ଟ ଆବଶ୍ୟକତା ରହିଛି। ରେଳ ସୁରକ୍ଷା ପ୍ରସଙ୍ଗରେ ନୂତନ ନୀତି ପ୍ରଣୟନ କରିବାର ମଧ ଆବଶ୍ୟକତା ରହିଛି । ଯାହା ଦ୍ୱାରା ଏହିପରି ଦୁର୍ଘଟଣାକୁ ରୋକାଯାଇପାରିବ ଓ ଜୀବନ ତଥା ବହୁ ମୂଲ୍ୟବାନ ସମ୍ପତ୍ତି ନଷ୍ଟକୁ ବଞ୍ଚା ଯାଇପାରିବ। ବର୍ତ୍ତମାନ ଆଣ୍ଟି-ଧକ୍କା 'ବାହୁବଳୀ' ଉତ୍ପାଦନକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅଛି । କେବଳ ଆବଶ୍ୟକତା ନୁହେଁ ଅନୁଭବ ହେବାକୁ ଲାଗିଲାଣି... !!!


ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪
ମୋ: ୯୦୪୦୧୫ ୧୪୭୫


## କବିତା କୋଣାର୍କ

### ପରିବା ମଧ୍ୟରେ ରାଜା

**ରମେଶ ଚନ୍ଦ୍ର ନାୟକ**

'ଆଳୁ' ମନ ଭରି ହସେ କିରି କିରି
ଖାଉଟି ଗ୍ରାହକ ମୁହଁକୁ ଚାହିଁ,
ବଜାର ହାଟରେ ପରିବା ଡାଲାରେ
ମାଟିଆ ଗୋଲିଆ ରୂପ ସଜେଇ ।
ବାଇଗଣ ସାରୁ କଲରା କଖାରୁ
କୋବି ଭଣ୍ଡା ଭେଣ୍ଡି ପରିବା ଯେତେ,
ତା'ର ପାଶେ କେହି ସମାନ ନୁହଁଇ
ପରିବା ମଧ୍ୟରେ ରାଜା ଟି ସତେ ।
ଗାଆଁରୁ ସହର ହାଟ ବଜାରର
ଚାଲିଥାଏ ଚର୍ଚ୍ଚା ତାହାରି ନାମ,
ଧନୀ କି ଗରିବ ସଭିଙ୍କର ସାଥୀ
ଆଜି କିଆଁ ତା'ର ବଢୁଛି ଦାମ ।
କିଛି ବି ନଥିଲେ ଆଳୁଟିଏ ଥିଲେ
ଭର୍ତ୍ତା ଭଜା କରି ଗରିବ ଚଳେ
ସୁବିଧା ଶସ୍ତାରେ ପାଖ ଦୋକାନରେ
ଇଚ୍ଛା ମୁତାବକ ଆଳୁ ତ ମିଳେ ।
ଅମଳ ବେଳରେ ଯାହାକୁ ତ ଯେତେ
ବିକ୍ରି ହୁଏ ଦଶ ଟଙ୍କାକୁ କିଲେ,
ଗୋଦାମରେ ରହି ପଚି ସଢି ଯାଇ
ବଢ଼ାଉଛି ଭାଉ ଦେଖରେ ଭଲେ ।
ବୁଲା ଗାଈ ଗୋରୁ ଶୁଙ୍ଘି ଘୁଞ୍ଚେ ଦୂରୁ
କାନ୍ଦେ ଆଳୁ ବଂଶ ରାସ୍ତା କଡ଼ରେ,
ଗରୀବ ଚାଷୀଟି ଦିନ ରାତି ଖଟି
ପାଏ ନାହିଁ ମୂଲ ତା'ର ଶ୍ରମରେ ।
ତାତି ଟାଣ ଖରା ଝଡି ବର୍ଷା ଧାରା
କମାଇ ଦେଉଛି ତା'ର ଆୟୁଷ,
ସେଥିପାଇଁ ବୋଧେ ହେଉଛି ମହଙ୍ଗା
ବଢାଇ ଦେଉଛି ଖାଉଟି ରୋଷ ।
ଷାଠିଏ ଟଙ୍କାରେ ମିଳେ ନାହିଁ କିଲେ
ଦୀନ ଜନ ଦୁଃଖ ବଢ଼ି ଯାଉଛି,
ଆଳୁ ରାଜନୀତି ବଢ଼ାଇଛି ତାତି
ହାଣ୍ଡିଶାଳେ ମାଆ ଲୁହ ଢାଳୁଛି ।


କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦


### ଶ୍ରାବଣୀ

**ଜଗଦୀଶ ସାହୁ**

ବରଷା ରାଣୀର ଅଲିଅଳି ଝିଅ
ନାଆଁ ଶ୍ରାବଣୀ
ଇଛା ହେଲେ ତାର ଅସରା ଅସରା
ଢାଳଇ ପାଣି ।

ପାଣି ପିଇ ଗଛ ପତର ସୁନ୍ଦର
ସବୁଜ ଦିଶେ
ଜଙ୍ଗଲରେ ନାନାଜାତି ଫୁଲଫୁଟି
ମହକି ବାସେ ।

ଜଳଭରା ନଈ ଆଗକୁ ଧାଉଁଛି
ବୁଡ଼ାଇ କୂଳ
ଭସେଇ ନେଉଛି ଗାଆଁଗଣ୍ଡା ଛଣ
ଛପର ଚାଳ ।

ବରଷା ସଙ୍ଗରେ ପବନ ବହିଲେ
ଚାଷୀର ଦେହ
ଥରିଉଠେ ସିନା ଛାଡିପାରେ ନାହିଁ
ଚାଷରୁ ମୋହ ।

ମନରେ ତାଆର କରିଅଛି ପଣ
କୌଣସି ମତେ
ଚାଷ କରି ସିଏ ଦାନା ଯୋଗାଇବ
ସଂସାର ହିତେ ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :୯୦୭୮୧୮୫୬୧୬


### ସ୍ୱପ୍ନ ଓ ତୁମେ

**ରମାକାନ୍ତ ଦାସ**



ନିଷ୍ଚଳ ନିସ୍ତବ୍ଧ ଭରା ରାତିରେ
ମୁଁ ଚାହିଁରହିଥାଏ ତୁମ ବାଟକୁ
ଅନେକ ଅକୁହା କଥାକୁ ବ୍ୟକ୍ତ
କରିବାକୁ
ମୋ ଅସଂଖ୍ୟ ସ୍ୱପ୍ନର ମେଳରେ
ମୁଁ ଖୋଜିବୁଲେ ତୁମର ପ୍ରତିଛବି
ପ୍ରେମର ପାଲିଙ୍କି ଚଢି

ଆସ ତୁମେ ମାୟାବୀ ଅନ୍ଧାରେ
ତୁମ ଆସିବାରେ
ଢେଉ ସବୁ ଉଙ୍କିମାରେ ମନ ଭିତରେ
ରାତ୍ରିର ଗାଢତା ବଢିବା ସହ
ମନ ତୀବ୍ରତା ବଢ଼ି ବଢ଼ି ଯାଏ
ମେଞ୍ଚାଏ ସ୍ୱପ୍ନକୁ ଗଚ୍ଛିତ କରି
ତୁମ ପ୍ରେମର ଅବିର ହୃଦୟେ ବୋଳି
ଅତିଶୟ ହୋଇପଡେ ମୁଁ
ତୁମ ସ୍ୱଚ୍ଛ ସ୍ୱପ୍ନର

ନିରୋଳା ସ୍ପର୍ଶରେ
ଅପୂରଣୀୟ ମନିବାଞ୍ଛାର ଆଢୁଆଳରେ
ମେଞ୍ଚା ମେଞ୍ଚା ଅସଜଡା ମାୟାବୀ
ଭାବନା ଦ୍ୱାରା
ପ୍ରକମ୍ପିତ ହୋଇଉଠେ ହୃଦୟ
ସୂର୍ଯ୍ୟଙ୍କର ପହିଲି କିରଣେ
ଝାଉଁଳି ଯାଏ ତୁମ ଧଳାମୁହଁ

ଭାଙ୍ଗିଯାଏ ମୋର ସ୍ୱପ୍ନର ମହଲ
ନିସହାୟ ହୋଇପଡେ ମୁଁ ତୁମ ବିନା
ସ୍ମୃତି ଟିଏ ହୋଇ ରହିଯାଏ ତୁମେ
ଝରା ଶେଫାଳୀଟିଏ ହୋଇ
ମୋ ଶାନ୍ତ ହୃଦୟର ଏକାନ୍ତ ଦୁର୍ବଳତା
ଖୋଜେ ତୁମକୁ ମୋ ସ୍ୱପ୍ନର
ବାଲିଘର ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

# ସର୍କସ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ବସୁ ସର୍କସ କଥା ଜେଜେଙ୍କ ପାଖରୁ ଶୁଣିଥିଲା । ବହିରୁ ପଢି ଜାଣିଥିଲା । କେବେ କିନ୍ତୁ ସର୍କସ ଦେଖିବାର ସୁଯୋଗ ପାଇନଥିଲା। ଏଥର ଗ୍ରୀଷ୍ମ ଛୁଟିରେ ତାଙ୍କ ସହରକୁ ଆସିଥାଏ ଗୋଟିଏ ସର୍କସ । ସେକଥା ଖବର କାଗଜରେ ବାହାରି ଥିଲା । ସେତେବେଳେ ତାଙ୍କ ପାଖକୁ ବୁଲିବାକୁ ଆସି ଥାଆନ୍ତି ଗାଆଁରେ ରହୁଥିବା ତା' ଜେଜେ ଜେଜେମା। ବସୁର ବାପା କହିଲେ ଚାଲ ଆମେ ସର୍କସ ଦେଖିବାକୁ ଯିବା । ସେ ଆଗତୁରା ସମସ୍ତଙ୍କ ପାଇଁ ଟିକେଟ୍ କରିଦେଲେ । ଗୋଟିଏ ରବିବାର ଉପରବେଳା ସମସ୍ତେ ଗଲେ ସର୍କସ ଦେଖିବାକୁ ।

ସର୍କସ ହେଉଥିବା ସ୍ଥାନରେ ବହୁତ ଭିଡ଼ ଥିଲା । ତାଙ୍କ ଭଳି ଆହୁରି କେତେ ଲୋକ ଆସି ଥାଆନ୍ତି ସର୍କସ ଦେଖିବାକୁ । ସମସ୍ତେ ନିଜ ନିଜ ସ୍ଥାନରେ ବସିଗଲେ । ଦେଖୁ ଦେଖୁ ପୂରା ହଲ୍ ଭରିଗଲା । ଠିକ୍ ସମୟରେ ସର୍କସ ଆରମ୍ଭ ହୋଇଗଲା । ଆରମ୍ଭରୁ ସର୍କସ ତରଫରୁ ଜଣେ ସଂଯୋଜକ ଆସି ଘୋଷଣା କଲେ ଯେ ସର୍କସ ରେ କଳାକାର ମାନଙ୍କ ଦ୍ୱାରା ପରିବେଷିତ ଖେଳ କୁଦ ବିପଦ ପୂର୍ଣ୍ଣ। ସେଗୁଡିକ ପ୍ରଶିକ୍ଷଣ ଏବଂ ବହୁତ ଅଭ୍ୟାସ ପରେ କଳକାରମାନେ ପରିବେଷଣ କରି ଥାଆନ୍ତି । ତେଣୁ ତାକୁ ପିଲା କିମ୍ବା ବଡ ମାନେ କେହି ନିଜ ଘରେ ବିଦ୍ୟାଳୟରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଅନୁକରଣ କରିବା ଉଚିତ୍ ନୁହଁ । ତା' ଦ୍ୱାରା ଆଘାତ ଲାଗିପାରେ । ସିଏ ମଧ୍ୟ ଆଉ ଗୋଟିଏ ସୂଚନା ଦେଲେ ଯେ ଆଗରୁ ସର୍କସ ଗୁଡିକରେ ହାତୀ, ବାଘ, ଭାଲୁ, ସିଂହ, ଛେଳି, କୁକୁର , ମାଙ୍କଡ଼, ଶୁଆ , ବତକ ଆଦି ପଶୁ ପକ୍ଷୀଙ୍କର ଖେଳ ପ୍ରଦର୍ଶନ କରା ଯାଉଥିଲା । ଏବେ କିନ୍ତୁ ପଶୁ ପକ୍ଷୀ ମାନଙ୍କୁ ତାଙ୍କ ପ୍ରାକୃତିକ ପରିବେଶରୁ ଧରି ଆଣି ଘରେ ରଖିବା କିମ୍ବା ସର୍କସ ଭଳି ବ୍ୟବସାୟ ପାଇଁ ବ୍ୟବହାର କରିବା ମନା । ଆଇନ ଅନୁଯାୟୀ ମଧ ଦଣ୍ଡନୀୟ । ତେଣୁ ସର୍କସରେ ସେପରି ଜିବଜନ୍ତୁଙ୍କ ଖେଳ ଦେଖି ବାକୁ ମିଳିବ ନାହିଁ ।

ତା' ପରେ ଆରମ୍ଭ ହେଲା ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ଖେଳ ପ୍ରଦର୍ଶନ । ଦୋଳିରେ ବହୁତ ଉଚ୍ଚରେ ଝୁଲିବା, ଉପରୁ ତଳକୁ ଡେଇଁ ପଡ଼ିବା, କେତେ ଗୁଡ଼ିଏ ବଲ, ବୋତଲ, ଛୁରୀ, ଜଳନ୍ତା ଦୀପ ଇତ୍ୟାଦି କୁ ନେଇ ବିଭିନ୍ନ ଖେଳ କୌଶଳ ଦେଖାଗଲା । ଖେଳ ମଝିରେ ମଝିରେ ଦୁଇ ତିନି ଜଣ ଜୋକର୍ ନିଜ ନିଜ ମଧରେ ଥଟ୍ଟା ପରିହାସ କରୁଥିଲେ । ତା' ସହ କୌତୁହଳ ପୂର୍ଣ୍ଣ ଖେଳ ପ୍ରଦର୍ଶନ କରି ଦର୍ଶକ ମାନଙ୍କ ମନୋରଞ୍ଜନ କରୁଥିଲେ । ଗୋଟିଏ ବାମନ ଜୋକର୍ କୁ ଦେଖି ବସୁ ବହୁତ ଖୁସି ହେଉଥାଏ । ଦୁଇ ଘଣ୍ଟା ଧରି ବିଭିନ୍ନ ଖେଳ କୌତୁକ ଜାଦୁଗରୀ ଦେଖାଇ ସର୍କସ ଶେଷ ହେଲା । ତା ପୂର୍ବରୁ ଜାତୀୟ ପତାକା ଧରି ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ତାକୁ ସମ୍ମାନ ଦେଖାଇ ସବୁ ଦର୍ଶକ ନିଜ ନିଜ ସ୍ଥାନରେ ଠିଆ ହୋଇ ଗଲେ।




ଘରକୁ ଫେରିବା ବାଟରେ ବସୁ ଜେଜେଙ୍କୁ ପଚାରିଲା, ଜେଜେ ଆଗରୁ ଯେବେ ସର୍କସରେ ବାଘ, ହାତୀ , ଭାଲୁ ଆଦି ଖେଳ ଦେଖାଉ ଥିଲେ ତମେ ତ ଦେଖିଥିବ। କହିଲ ସେମାନେ କ'ଣ ସବୁ କରନ୍ତି । ଜେଜେ କହିଲେ, ହାତୀ ଫୁଟବଲ ଖେଳେ, ହାତୀ ପିଠିରେ ବାଘ ବସେ ବାଘ ଉପରେ ଛେଳି । ଭାଲୁ ସାଇକେଲ ଚଲାଏ । ବସୁ ଶୁଣି କହିଲା, ତେବେ ତ ବହୁତ ମଜା ଆସୁଥିବ । ଜେଜେ କହିଲେ ହଁ ଯେ କିନ୍ତୁ ବଣ ଜଙ୍ଗଲରେ ରହିବା ପଶୁ ମାନଙ୍କୁ ବହୁତ କଷ୍ଟ ହେଉଥିବ ସର୍କସରେ ଆବଦ୍ଧ ହୋଇ ରହିବା । ସେଥିପାଇଁ ସେସବୁ ବନ୍ଦ କରି ଦିଆଗଲା ।

ବାପା ଆଉଥରେ ସତର୍କ କରାଇ କହିଲେ ସର୍କସରେ ଦେଖିଥିବା ଖେଳ, କୌଶଳ ଆଦିକୁ ଘରେ କିମ୍ବା ସ୍କୁଲରେ ନକରିବାକୁ ।

ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଚତୁର ଠେକୁଆ

**ସନ୍ତୋଷ କୁମାର ଅଦାବର**



ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ ଅନେକ ପଶୁପକ୍ଷୀ ରହୁଥାଆନ୍ତି । ସେ ଜଙ୍ଗଲରେ ଥାଏ ଗୋଟିଏ ଚାଲାକ ଠେକୁଆ । ଦିନେ ସେ ଜଙ୍ଗଲରେ ଯାଉ ଯାଉ ଅଳ୍ପ ଦୂରରେ ଗୋଟିଏ ସିଂହକୁ ଦେଖିଲା । ଭାବିଲା, କାଳେ ସେ ସିଂହର ଶିକାର ହୋଇଯିବ । ତେଣୁ ସେ ଭୟରେ ଏକ ବୁଦାମୂଳରେ ଲୁଚି ଦେଲା । ଠିକ୍ ଏହି ସମୟରେ ଏକ ହରିଣ ସେହି ରାସ୍ତାଦେଇ ଯାଉଥାଏ । ଅତି ସୁନ୍ଦର ହରିଣଟିଏ । ଠେକୁଆ ମନରେ ତା' ପ୍ରତି ଦୟା ଆସିଲା । ହରିଣଟି ମଧ୍ୟ ତା'ର ଭଳି ତୃଣଭୋଜୀ ପ୍ରାଣୀ । କିନ୍ତୁ ଆଗରେ ସିଂହ ଥିବା କଥା ହରିଣକୁ ସେ କହିବା ଆଗରୁ ହରିଣଟି ସିଂହର ପାଖାପାଖି ପହଞ୍ଚି ଯାଇଥିଲା। କେମିତି ହରିଣଟିକୁ ବଞ୍ଚାଇବ ଏକ ଉପାୟ ପାଞ୍ଚିଲା ।

ନିରୀହ ହରିଣଟି ସିଂହର ସାମ୍ନାସାମ୍ନି ହେଇଗଲା । ସିଂହ ଗର୍ଜନ କରି ହରିଣକୁ ଧରିବା ପାଇଁ ତା' ଉପରକୁ ଲମ୍ଫ ପ୍ରଦାନ କରୁଥିବା ସମୟରେ ହରିଣ ଯେମିତି ପ୍ରାଣ ବିକଳରେ ଦୌଡ଼ିବାକୁ ଚେଷ୍ଟା କରିଛି ତା'ର ପଛର ବାମ ଗୋଡ଼ଟି ଭାଙ୍ଗିଗଲା । ସେ ଆଉ ଦୌଡ଼ି ପାରିଲା ନାହିଁ । ସିଂହ ଭାବିଲା- ହରିଣ ତ ଦୌଡ଼ି ପାରୁନି, ଆରାମରେ ଯାଇକି ଧରି ଖାଇବି । ତରବର ହୋଇ ଦୌଡ଼ିବାର କିଛି ଆବଶ୍ୟକତା ନାହିଁ। ଏମିତି ଭାବିକି ସିଂହଟି ଜୋରରେ ହସି ହସି ହରିଣ ପାଖକୁ ଧିରେ ଧିରେ ଆସୁଥାଏ । ହରିଣଟି ଭୟରେ ଥରି ଯାଉଥାଏ । ସିଂହଟି ଯେତେ ପାଖକୁ ଆସୁଥାଏ, ହରିଣଟି ସେତିକି ଥରୁଥାଏ । ଏପଟେ ଭଙ୍ଗା ଗୋଡ଼ର ଯନ୍ତ୍ରଣା, ପୁଣି ସିଂହର ଭୟ । ଆଜି ଆଉ ତା'ର ଜୀବନ ରହିବ ନି। ଏମିତି ଭୟରେ ସେ ସେଠି ପଡ଼ି ରହିଥାଏ। ସିଂହ ତା' ପାଖକୁ ଆସି ଆହୁରି ଜୋରରେ ହସିଲା । ଠିକ୍ ଏହି ସମୟରେ ବୁଦା ମୂଳରେ ଲୁଚିଥିବା ଠେକୁଆଟି ତା'ର ସାହସ ଜୁଟାଇ ଆସି ସେ ମଧ୍ୟ ହରିଣଟିକୁ ଦେଖି ହସିଲା ଏବଂ ନାଚିଲା । ହଠାତ୍ ଠେକୁଆଟିଏ ଆସି ହସିଲା ଦେଖି ସିଂହ ଏବଂ ହରିଣ ଆଶ୍ଚର୍ଯ୍ୟ ହୋଇଗଲେ । ଏଥର ଠେକୁଆ କହିଲା- ଦୁଷ୍ଟ ଛୋଟା ହରିଣ । ତୋତେ ମୁଁ ବହୁତ ସମୟ ହେଲା ଖୋଜୁଛି। ଏବେ ପାଇଗଲି। ଠେକୁଆର କଥା ଶୁଣି ସିଂହ ପଚାରିଲା- କାହିଁକି ତୁ ଏଇଟାକୁ ଖୋଜୁଛୁ ? ତୋର କ'ଣ କାର୍ଯ୍ୟ ତା'ଠାରେ ଅଛି ? ଏଇଟା ମୋର ଶିକାର । ଠେକୁଆଟି କହିଲା- ତମେ ଜାଣିନ ଏ ହରିଣ ବିଷୟରେ ସିଂହ ଭାଇ । ଏଇ ହରିଣ ଜଣେ ବାବାଙ୍କ ଠାରୁ ଆଶୀର୍ବାଦ ପାଇଛି । ଯେଉଁଦିନ ତା'ର ପଛ ବାମ ଗୋଡ଼ ଭାଙ୍ଗିବ ସେଦିନ ସେ ଏ ରାଜ୍ୟର ରାଜାଙ୍କ ଲୋକ ଆସି ଏହାକୁ ନେଇଯିବେ। ରାଜାଙ୍କର ଏହା ଏକ ପଣ୍ଡିତ ଭାବରେ ସବୁ କଥା କହି ପାରିବ । ସିଂହ କହିଲା- ଯା.. ଏ ତ ଘଞ୍ଚ ଜଙ୍ଗଲ। ଏଠାକୁ କାହାର ସାହସ ଯେ ଏହାକୁ ନେଇ ଆସିବ। ଏଇଟା ମୋର ଶିକାର । ତା'ପରେ ତୋତେ ବି ଖାଇବି ।

ଠେକୁଆ ଭୟରେ ଛେପ ଢୋକିକି ଭାବିଲା ଆଉ କିଛି ଗୋଟିଏ କହିବି । ନହେଲେ ଏଇ ଆମ ଦୁହିଁଙ୍କୁ ସଫା କରିଦେବ। କହିଲା- ରହ ସିଂହ ଭାଇ । ମୁଁ ତ କ୍ଷୁଦ୍ର ଜୀବଟିଏ। ମୋତେ ଖାଇଲେ ତୁମ ପେଟ ପୂରିବ ନାହିଁ । ଆଉ ଗୋଟିଏ ମୁଖ୍ୟ କଥା ରହିଗଲା । ଯିଏ ଏହାର ଗୋଡ଼ ଛୋଟା ଭାବିକି ଖାଇବ ସିଏ ବି ହରିଣ ହୋଇଯିବ,କିନ୍ତୁ ତାକୁ ରାଜାଙ୍କ ଲୋକ ନେବେ ନାହିଁ । ସେ ଏ ଜଙ୍ଗଲରେ ଅନ୍ୟ ହିଂସ୍ର ପଶୁଙ୍କ ଶିକାରହେଇଯିବ । ଏକଥା ସେ ବାବାଜି ଜଣକ ହରିଣ ଭାଇକୁ କହିଛନ୍ତି। ହରିଣ ବି ଠେକୁଆ ତାକୁ ବଞ୍ଚାଉଥିବା କଥା ଜାଣି ସବୁ ହଁ ହଁ କରୁଥାଏ। ଯଦି ତୁମେ ଏହାକୁ ଖାଇବାକୁ ଚାହୁଁଛ, ତେବେ ପ୍ରଥମେ ତୁମ ଦାନ୍ତଗୁଡ଼ିକୁ ପଥରରେ କାମୁଡ଼ି କାମୁଡ଼ି ଧାରୁଆ କରିବାକୁ ହେବ । ଦାନ୍ତ ଧାରୁଆ କରି ଖାଇଲେ ଆଉ ତୁମେ ହରିଣ ହୋଇ ପାରିବ ନାହିଁ । ଏ ସବୁ ସେ ବାବାଙ୍କ କଥା ।

ଏକଥା ଶୁଣି ସିଂହଟି ପାଖରେ ଥିବା ଏକ ବଡ଼ ପଥରକୁ ଜୋରରେ କାମୁଡ଼ି ଦେବାରୁ ତା'ର ଦାନ୍ତଗୁଡ଼ାକ ଭାଙ୍ଗି ରକ୍ତ ବାହାରି ଅନେକ କଷ୍ଟ ଦେଲା । ସେ ହରିଣ ଓ ଠେକୁଆକୁ ଖାଇବା କଥା ଭୁଲିଯାଇ ନିଜର ଯନ୍ତ୍ରଣାରେ ଛଟପଟ ହେଲା । ଏତେ ସମୟ ଭିତରେ ପ୍ରକୃତରେ ହରିଣର ଅଳ୍ପ ଆଘାତ ଲାଗିଥିବା ଗୋଡ଼ଟି ଟିକିଏ ଭଲ ହୋଇ ଯାଇଥିଲା । ସିଂହଟି ତାଙ୍କ ଆଡ଼କୁ ଦେଖିବା ଆଗରୁ ସେ ଦୁହେଁ ସେଠାରୁ ଜୋରରେ ଦୌଡ଼ି ପଳାଇ ଗଲେ । ବହୁ ଦୂରକୁ ଯାଇ ସେ ଦୁହେଁ ଛିଡ଼ା ହେଲେ ଏବଂ ହରିଣ ମରଣ ମୁହଁରୁ ବଞ୍ଚେଇଥିବା ଠେକୁଆକୁ ସାବାସ୍ ସାବାସ୍ କହିଲା । ଠେକୁଆ କହିଲା- ଜୀବନକୁ ବିପଦ ଆସିଲେ ଶତ୍ରୁକୁ ମିଥ୍ୟା କହି ବଞ୍ଚିବା ହିଁ ଏକମାତ୍ର ରାହା ଥାଏ ।

+ବୀରମହାରାଜପୁର,ସୁବର୍ଣ୍ଣପୁର,
ମୋ-୯୭୭୭୯୧୦୭୨୮

## କବିତା
### ତୁମ ପାଇଁ

### କମି ଯାଉ ଅଛି
**କୀର୍ତ୍ତନ ସାହୁ**

କମି ଯାଉ ଅଛି ସାଙ୍ଗସାଥୀ ମେଳ
ଦାଣ୍ଡରେ ଖେଳିବା ବେଳ
ଗାଆଁ ଗହଳିରେ ଆଉ ଦିଶୁ ନାହିଁ
ଆଗରୁ ଥିବା ସେ ଖେଳ ।
କମି ଯାଉଅଛି ବାଟ ଚଲା ଏବେ
ସବୁବେଳେ ଲୋଡା ଗାଡ଼ି
ଚାଲିବାର ବାଟ ଅଳପ ହେଲେବି
ଗାଡ଼ିରେ ଯାଉଛେ ମାଡି ।
ଏକାଠି ବସିକି ଗପ ସପ ହେବା
କମି ଯାଉ ଅଛି ଏବେ
ଦରକାର ନାହିଁ ପାଖରେ କାହାକୁ
ମୋବାଇଲ ଅଛି ଯେବେ ।
କମି ଯାଉଅଛି ବନ୍ଧୁ ଘର ଯିବା
ସାଇପଡିଶାରେ ବୁଲା
ଏତେ ପ୍ରକାରର ଜାଳେଣି ଭିତରେ
ଲୋଡା ପଡୁନାହିଁ ଚୂଲା ।
ସେନେହ ଶରଧା ଭାବ କମୁଅଛି
ସେଥିରେ ସଜାଗ ହେବା
ଆପଣାପଣକୁ ବାନ୍ଧି ରଖିବାକୁ
ମନ ପ୍ରାଣ ଢ଼ାଳି ଦେବା ।
ଏଇମିତି କେତେ କେତେ କମି ଯାଇ
ଆସେ କେତେ ନୂଆ ନୂଆ
ପୁରୁଣା ସାଥୀରେ ନୂଆ ଆଦରିଲେ
ସଫଳତା ଆମ ଥୁଆ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧




### ଟିକିରୁ ବିରାଟ ହୁଏ
**ଅନନ୍ତ କୁମାର ସେନାପତି**

ଟିକି ଟିକି ବାଲି ଲାଗି ଯାଇଥିଲା
ଗୁଣ୍ଡୁଚି ମୂଷାର ଦେହରେ,
ଝାଡୁଥିଲା ନେଇ ଆନନ୍ଦ ମନରେ
ରାମଙ୍କ ସତ୍ୟର ସେତୁରେ ।
ଟିକି ଟିକି ପାଣି ଥରେ ମିଶିଗଲେ
ବିରାଟ ସାଗର ହୁଅଇ,
କୋଟି କୋଟି ଜଳ ଜୀବ ସେ ସାଗରେ
ହରଷ ମନରେ ରହଇ ।
ଟିକି ଟିକି ମାଟି ହୋଇଗଲେ ଠୁଳ
ପାହାଡ଼ ଆକାର ଦିଶଇ,
ହିମାଳୟ ନାମେ ହୋଇଅଛି ଠିଆ
ମୁକୁଟ ହୋଇ ସେ ହସଇ ।
ଟିକି ଟିକି ଫୁଲ ବଗିଚାରୁ ଆସି
ହୁଅନ୍ତି ଗଜରା ମାଳ,
ସେ ମାଳ ପ୍ରଭୁଙ୍କ ମୁଣ୍ଡରେ ସଜାଇ
ଧ୍ୟାନରେ ପୂଜିବା ଚାଲ ।
ଟିକି ଟିକି ଟିକି ଯାହା ଭାବୁଛୁ ନିଇତି
ବହୁ ସମ୍ଭାବନା ତହିଁ,
ଟିକିରୁ ବିରାଟ ହୋଇପାରେ ନିଶ୍ଚେ
ଟିକିଏ ନ ଭାବ କେହି ।

+ବାଣ୍ଡୁପଡା ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

### ବଜା ବଜା ବଜା ବଜା ବଜାରେ ବାଜା
**ଝରଣା ମଲ୍ଲିକ**

ବଜା ବଜା ବଜା ବଜା ବଜାରେ ବାଜା
ଉଡିବ ଉଡିବ ଆଜି ତ୍ରିରଙ୍ଗା ଧ୍ୱଜା ।

ସ୍ୱାଧୀନତା ପାଇ ଆମେ ଗରବ କରୁଛୁ ।
ଐତିହାସିକ ଦିବସରେ ତାକୁ ଉଡାଉଛୁ।

ଧୂପ, ଦୀପ ଦେଇ ଆମେ ବନ୍ଦାଣ କରିବା
ଜାତୀୟ ସଙ୍ଗୀତକୁ ଆମେହିଁ ଗାଇବା ।

ସବୁ ଧର୍ମ,ସବୁ ଭାଷା ତା ପାଖେ ସମାନ
ରଖିଛି ରଖିବ ଧରି ଆଜି ବି ମହାନ ।

ଏକତା ବଳରେ ଆମେ ହୋଇ ଅଗ୍ରସର
କେତେ ଜାତି, କେତେ ଭାଷା
କେତେ ପରକାର।

ଏକାଠି ହୋଇ ଗାଇବା ଜନ ଗଣ ମନ
ଖୁସିରେ ଉଠିବ ମାତି ସଭିଙ୍କର ମନ ।

ଶତ ପ୍ରଣିପାତ କରି ନେଉଛୁ ବିଦାୟ
ତେଣୁ ଆମେ ଭାଇ ଭାଇ ଅଟୁ ଭାରତୀୟ।
ତେଣୁ ଆମେ ଭାଇ ଭାଇ ଅଟୁ ଭାରତୀୟ ।

+ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର

### ଆସ କୁନି କାଉଡିଆ
**ନିରଞ୍ଜନ ସାହୁ**

ଆସ କୁନି କାଉଡିଆ
କର ନାହିଁ ଡେରି
ଶିବାଳୟ ଯାଇ ପୁଣି
ଆସିବା ତ ଫେରି ।
ବାହୁଙ୍ଗି ସଜାଇ ଆମେ
ନଦୀ ତୀରେ ଯିବା
ଭକତି ମନରେ ଆମେ
ବୁଡି ରହିଥିବା ।
ପୂଜାପାଠ କରି ତହିଁ
କାନ୍ଧେଇବା ଭାର
ହରହର ଉଚ୍ଚାରିବା
କରି ନମସ୍କାର ।
କାଉଡିଆ ପୋଷାକରେ
ସୁସଜ୍ଜିତ ଆମେ
ଥିରିପାଦେ ଆଗେଇବା
ଶିବଙ୍କର ଧାମେ ।
ନିଷ୍ଠାପର ଭାବେ ଆମେ
ଏହି ବ୍ରତ ପାଳି
ଜୀବନର ବାଧାବିଘ୍ନ
ସବୁ ଦେବା ଟାଳି ।
ଖାଇବା ସାତ୍ତ୍ୱିକ ଖାଦ୍ୟ
ଅତି ଶରଧାରେ
ମାନିବା ବ୍ରତର ବିଧି
ଭକ୍ତି ସହକାରେ ।
ଶିବ ନାମ ଜପିଜପି
ପକାଇବା ପାଦ
ଡକାବାଜି ଯନ୍ତ୍ରେ ଶୁଭେ
ଗହଗହ ନାଦ ।
ଦିନରାତି ବାଟ ଚାଲି
ପହଞ୍ଚିବା ଯାଇ
ଜଳଲାଗି କରାଇବା
ହର ନାମ ଗାଇ ।
ଭୋଗରାଗ କରି ତହିଁ
ନମସ୍କାର କରି
ଆଶିଷ ମାଗିବା ଆମେ
ହୃଦେ ଭକ୍ତି ଭରି ।
ଶିବଙ୍କ କରୁଣା ହେଲେ
ହେବ ଆମ ଜୟ
ଶିବଙ୍କର ପଦେ ତେଣୁ
ରଖିଥିବା ଲୟ ।
ଶିବଙ୍କୁ ମେଲାଣି ମାଗି
ଫେରିଯିବା ଘର
ଅପେକ୍ଷା ରଖିବା ପୁଣି
ଏକ ବରଷର ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ଗଛକୁ କାଟିବା ନାହିଁ
**ସାବିତ୍ରୀ ମଲ୍ଲିକ**

ଆସ ମିଳିମିଶି ଲଗାଇବା ବନ୍ଧୁ
ବିଭିନ୍ନ ପ୍ରକାର ଗଛ,
ଯା' ଦ୍ୱାରା ଦିଶିବ ପରିବେଶ ଭଲ
ଜୀବନଟା ହେବ ସ୍ୱଚ୍ଛ।
ବାଡ଼ି ହେଉ କିମ୍ବା ବଣ ଜଙ୍ଗଲରେ
ଗଛକୁ କାଟିବା ନାହିଁ,
ଆଗକୁ ଆସିବ କାମରେ ଆମର
ପାକଳ ହୋଇଲେ ସେହି।

ଏନ୍ତୁଡ଼ିଶାଳ ରେ ଜନ୍ମ ନେବା ପରେ
ସେକା କାମେ ଲାଗିଥାଏ,
ଶିଶୁଟିଏ ପରା ସେ କାଠ ନିଆଁରେ
ରୋଗମୁକ୍ତ ହୋଇଯାଏ।
ବଡହେଲେ ମାଆ କାଠର ଦୋଳିରେ
ପିଲାକୁ ଝୁଲାଇ ଦେଇ,
ହରଷ ମନରେ ଗୀତ ଗାଇ ଗାଇ
ଆରାମେ ଦିଏ ଶୁଆଇ।

କାଠରେ ତିଆରି ବ୍ୟାଟକୁ ଧରି
ପିଲା ଖେଳୁଥାଏ ଖେଳ,
କିଛିଦିନ ପରେ ସମୟ ଯେ ସରେ
ଚାଲିଯାଏ ପିଲାବେଳ।
ଯେଉଁ ସିଲଟରେ ପାଠ ଲେଖେ ପିଲା
ସେଥିରେ ଲାଗିଛି କାଠ,
ପାଠ ନ ପଢ଼ିଲେ ମାଡ଼ ଖାଇବାକୁ
କାଠ ହୋଇଥାଏ ଛାଟ।

ଇସ୍କୁଲକୁ ଗଲେ କାଠ ବେଏଞ୍ଚରେ
ବସିଥାନ୍ତି ଯାଇ ପିଲା,
ଭଲରେ ଭଲରେ ପାଠ ପଢ଼ିଥାନ୍ତି
ହୁଅନ୍ତି ନାହିଁ ଚଗଲା।
କାଠରେ ତିଆରି କଳାପଟା ଟି ଯେ
ଦିଶଇ ସୁନ୍ଦର ଭାରି,
ଗୁରୁଜୀ ଗୁରୁମା ଲେଖନ୍ତି ତା ପରେ
ହାତରେ ଚଅକ ଧରି।

କାଠରେ ତିଆରି ଚାଳ ଘରଟି ଯେ
ହୋଇଥାଏ ମଜବୁତ,
ଝଡ଼ ତୋଫାନକୁ ଖାତିର କରେନି
ତେଣୁ ସେ ସଭିଙ୍କ ମିତ ।
ଝରକା ଟେବୁଲ କବାଟ ଚେୟାର
କାଠରେ ତିଆରି ହୁଏ,
ଭାରି ଶକ୍ତ ତାହା ହୋଇଥାଏ ଘରେ
ବରଷ ବରଷ ରୁହେ।

କାଠରେ ତିଆରି ଲଙ୍ଗଳକୁ ଧରି
ବିଲକୁ ଯାଏଟି ଚାଷୀ,
ସୁନାର ଫସଲ ଫଳାଇବା ପରେ
ହୋଇଥାଏ ଭାରି ଖୁସି।
ମୃତ୍ୟୁ ହେଲା ପରେ କାଠର ନିଆଁରେ
ଶରୀର ଆମର ଜଳେ,
ସଦଗତି ହୁଏ ଅମର ଆତ୍ମାର
ଶେଷେ ମାଟି ମାଆ କୋଳେ।

ସେଥିପାଇଁ ମୁହିଁ କହୁଛି ବୁଝାଇ
ଗଛକୁ କରନା ନଷ୍ଟ,
ଗଛ ନଥିଲେଟି ଜୀବନେ ଅନେକ
ପାଇବା ବହୁତ କଷ୍ଟ।

ଦଶରଥପୁର, ଯାଜପୁର, ଓଡ଼ିଶା

# ପୋଷଣ ହସ୍ତକ୍ଷେପ ଉପରେ ୟୁନିସେଫ୍ କର୍ମଶାଳାରେ ରିସୋର୍ସ ପର୍ସନ ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକ

ଜୟପୁର, ୨/୦୮ (ନି.ପ୍ର): ଦକ୍ଷିଣ ଓଡ଼ିଶା ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ୟୁନିସେଫ୍ ପକ୍ଷରୁ ଆୟୋଜିତ କର୍ମଶାଳାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଦୁଇ ଜଣ ବିଶିଷ୍ଟ ଅଧ୍ୟାପକ ପ୍ରମୁଖ ସମ୍ବଳ ବ୍ୟକ୍ତି ଭାବେ ଯୋଗ ଦେଇଥିଲେ। କୋରାପୁଟର ତଥାସ୍ତୁ ଅଡିଟୋରିୟମରେ ଅନୁଷ୍ଠିତ ଏହି କର୍ମଶାଳାରେ 'ଛୋଟ ପିଲାମାନଙ୍କ ମଧ୍ୟରେ ଗମ୍ଭୀର ଅପଚୟ ଏବଂ ଅଭିବୃଦ୍ଧି କୁ ରୋକିବା ପାଇଁ ପୋଷଣ ହସ୍ତକ୍ଷେପର ଗୁରୁତ୍ୱ' ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୟୁନିସେଫ୍ ଓଡ଼ିଶାର ସୌରଭ ଭଟ୍ଟାଚାର୍ଯ୍ୟ, ଏ ସ ର୍ସ ଏ ସ ର୍ଟ ଅ । ର ଅ । ଇ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଏବି ଓତା, ଏଫ୍‌ଆଇଡିଆରର ଡ. ଚାରୁଦତ ପାଣିଗ୍ରାହୀ, ଏସ୍ୱିସିସି ୟୁନିସେଫ ଦିଲ୍ଲୀର ଲୋପାମୁଦ୍ରା ତ୍ରିପାଠୀ, ପ୍ରଖ୍ୟାତ ନାଟ୍ୟକାର ଡ. ନରେନ୍ଦ୍ର ମିଶ୍ର ଓ ସୋଭାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ଉଦ୍ଘାଟନୀ ଅଧିବେଶନରେ କୋରାପୁଟର ଏଡିଏମ୍, ଜିଲ୍ଲା ପରିଷଦ କୋରାପୁଟର ଅଧକ୍ଷ ଓ କୋରାପୁଟର ଖାଦ୍ୟ ଅଧିକାରୀ ଯୋଗ ଦେଇଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସୌରଭ ଗୁପ୍ତା ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଆଚରଣ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ପରିବେଶ ଏବଂ ଭାଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେହିପରି ସହକାରୀ ପ୍ରଫେସର ଡ. ପ୍ରଦୋଷ କୁମାର ରଥ 'ପୋଷଣ ଶିକ୍ଷା ପାଇଁ ପ୍ରଭାବଶାଳୀ ଯୋଗାଯୋଗ ରଣନୀତିରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ପ୍ୟାନେଲକୁ ସମ୍ବୋଧିତ କରି ବିକାଶମୂଳକ ଯୋଗାଯୋଗ କୁ ବୃଦ୍ଧି କରିବା ପାଇଁ ଗଣମାଧ୍ୟମର ଉପଯୋଗ ଉପରେ ମହତ୍ୱ ପୂର୍ଣ ଅଭିଭାଷଣ ରଖିଥିଲେ। ଉଭୟ ଡ. ଗୁପ୍ତା ଓ ଡ. ରଥ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ଏହି ସୁଯୋଗ ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇବା ସହ ବିଶ୍ୱବିଦ୍ୟାଳୟରେ ଉତ୍କୃଷ୍ଟ ଫଳ ବିତରଣ କେନ୍ଦ୍ରର ପ୍ରତିଷ୍ଠା ଓ ଦୁଗ୍ଧ ଚାଷ ପାଇଁ ପ୍ରକଳ୍ପ ସମେତ ଅବଦାନକୁ ବର୍ଣ୍ଣନା କରିଥିଲେ ।

ଏହି କର୍ମଶାଳାରେ କୋରାପୁଟ ଜିଲ୍ଲାର ସରକାରୀ ଅଧିକାରୀ, ଗ୍ରାମର ମହିଳା ଓ ଶିଶୁମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣେଇଛନ୍ତି ଡ. ଫଗୁନାଥ ଭୋଇ, ଲୋକସମ୍ପର୍କ ଅଧିକାରୀ ।

# କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟରେ ନବାଗତ (+୨ ପ୍ରଥମ ) ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାଲକାନଗିରି, ୨/୦୮ (ନି.ପ୍ର): ମାଲକାନଗିରି ବ୍ଲକ ସିନ୍ଧ୍ରିମାଳ ପଂଚାୟତ ଅଧୀନରେ ଥିବା କସ୍ତୁରବା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ +୨କଳା ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଏହି ସଭାକୁ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ପାଟଲା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ନୂତନ ଶିକ୍ଷାବର୍ଷ ୨୦୨୪-୨୫ କୁ ସ୍ୱାଗତ ଜଣାଇବା ସହିତ ଶୃଙ୍ଖଳିତ, ସମୟାନୁବର୍ତ୍ତିତା ଓ କଠିନ ପରିଶ୍ରମ କରି ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସନାତନ ପ୍ରଧାନ କ୍ରୀଡା ଶିକ୍ଷକ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା କରିଥିଲେ ।

ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏ ବର୍ଷ ନୂତନ ଭାବେ ଖୋଲାଯାଇଥିବା ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୮ ଜଣ କଳା ବିଷୟରେ ଯୋଗ ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଚନ୍ଦନ ଓ ପୁଷ୍ପ ଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଶିବ ମାଡ଼କାମୀ, ସଭାପତି ବିଦ୍ୟାଳୟ ପରିଚାଳନା କମିଟି, ବୁଦ୍ରା ମାଡ଼କାମୀ, ଇର୍ମା ମାଡ଼କାମୀ, ପବିତ୍ର କୁରାମୀ, ମନୋଜ କୁମାର ନାୟକ, ମହାଦେବ ନାଗ, ବିକ୍ରମ ତରଫଦାର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟ ତରଫରୁ ଓଡିଶା ସରକାର ଓ ଭାରତ ସରକାରଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଛି । ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମନ୍ଦିରରୁ ଚୋରି

ସୋରଡ଼ା , ୨/୦୮ (ନି.ପ୍ର): ସୋରଡ଼ା ଅଂଚଳରେ ଚାଲିଛି ଚୋର ମାନଙ୍କ ଆତଙ୍କ ରାଜ । ଗୋଟିଏ ରାତିରେ ଦୁଇଟି ଶିବ ମନ୍ଦିରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣା ମୁତାବକ ରାତ୍ର ପହଡ଼ ପରେ ପୂଜକ ମନ୍ଦିର କବାଟ ବନ୍ଦ କରି ଯାଇଥିବା ବେଳେ ସକାଳୁ ଆସି ଦେଖିଲା ବେଳକୁ ମନ୍ଦିରର ତାଲା ଭାଙ୍ଗିଯାଇଛି । ସୂଚନା ପାଇ ମନ୍ଦିର କମିଟି ସେଠାରେ ପହଂଚି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ବୃଦ୍ଧଲିଙ୍ଗେଶ୍ୱର୍ ମନ୍ଦିରରେ ଦୁଇ ଗୋଟି ହୁଣ୍ଡି ଭାଙ୍ଗି ଚୋରି ହୋଇଥିବା ବେଳେ ପୁଦୁକେଶ୍ୱର୍ ମନ୍ଦିରରୁ ଗୋଟିଏ ହୁଣ୍ଡି ଭାଙ୍ଗି ଚୋରି ହୋଇଛି । ଏହା ସହ ପୁଦୁକେଶ୍ୱର୍ ମନ୍ଦିରରେ ଥିବା ଦୁଇ ଗୋଟି ରୁମର ମଧ ତାଲା ଭାଙ୍ଗିଛି । ଦୁଇ ଗୋଟି ମନ୍ଦିରରୁ ପାଖା ପାଖି ୫୦ ହଜାର ଟଙ୍କା ଚୋରି ହୋଇଥିବା ଅନୁମାନ କରାଯାଉଛି । ଉଭୟ ମନ୍ଦିର ର କମିଟିଙ୍କ ଅଭିଯୋଗ କୁ ଆଧାର କରି ଘଟଣା ସ୍ଥଳରେ ସୋରଡ଼ା ପୋଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଦଳପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ରଜତ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ , ୨/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ଖଜୁରିପଡା ବ୍ଲକ୍ ଅନ୍ତର୍ଗତ ଦଳପଡ଼ା ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ହୋଇଛି। ଏହାର ରଜତ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ରାଜ୍ୟ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟ, ସାଂସଦ ଓ ବିଧାୟକଙ୍କୁ ନିମନ୍ତ୍ରଣ କରାଯିବାକୁ ନିଷ୍ପତି ନିଆଯାଇଥିଲା। ଏଥିସହିତ କିଛି ଶିକ୍ଷାବିତ୍ ଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯିବ। ଏହି ବିଦ୍ୟାଳୟରୁ ଶିକ୍ଷାଲାଭ କରି ନିଜକୁ ଆତ୍ମନିର୍ଭରଶୀଳ କରିଥିବା ଛାତ୍ର ଛାତ୍ରୀ ମାନେ ନିଜର ଅଭିଜ୍ଞତା ବାଂଟିବେ ଓ ନିଜର ଭବିଷ୍ୟତ ଗଠନ ପାଇଁ ନିଜକୁ କିପରି ପ୍ରସ୍ତୁତ କରିବେ ତାହାରି ଉପରେ ପରାମର୍ଶ ଦେବେ। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ଉତ୍ସବ ପାଳନ ପାଇଁ ଏକ ଅଭ୍ୟର୍ଥନା କମିଟି ସହ ସବ କମିଟି ମାନ ଗଠନ କରାଯିବ। ଏଥିପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହ କରିବାକୁ ମଧ ଏକ କମିଟି ଗଠନ କରାଯିବ । ଏହି ବୈଠକରେ ପୂର୍ବତନ ସରପଂଚ ରଞ୍ଜନ କୁମାର କହଁର, ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକ, ରାଜ ନାରାୟଣ ଦାସ, ସସ୍ମିତା କାନୁନଗୋ, ଉଦୟନାଥ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଶଙ୍କର୍ଷଣ ଜାନୀ, ଅନନ୍ତ ଜାନୀ, କିଶୋର ପ୍ରଧାନ ଓ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# କ୍ଷୁଦ୍ର ଓ ମଧ୍ୟମ ସମ୍ବାଦ ପତ୍ର ସମ୍ପାଦକ ସଂଘର କାର୍ଯ୍ୟକ୍ରମରେ କବି ନୃସିଂହାନନ୍ଦ ସମ୍ମାନିତ

କନ୍ଧମାଳ, ୨/୦୮ (ନି.ପ୍ର): ଭୁବନେଶ୍ୱର ଠାରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ରେ, କନ୍ଧମାଳର କବି ଡ଼ଃ. ନୃସିଂହାନନ୍ଦ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛି। କ୍ଷୁଦ୍ର ଓ ମଧ୍ୟମ ସମ୍ବାଦ ପତ୍ର ସମ୍ପାଦକ ସଂଗଠନର ପ୍ରଥମ ବାର୍ଷିକ ସମାବେଶ ଗୀତ ଗୋବିନ୍ଦ ସଦନ ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଉତ୍ସବରେ ତାଙ୍କୁ ସମ୍ମାନିତ କରାଯାଇଛି। କବି ଡ଼ଃ. ନୃସିଂହାନନ୍ଦ ମହାପାତ୍ରଙ୍କୁ ଗଳ୍ପ ଓ କବିତା ରଚନା ଓ ଶିକ୍ଷା କ୍ଷେତ୍ରରେ ଅବଦାନ ନିମନ୍ତେ ସମ୍ମାନିତ କରାଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର ଏହି କୃତି ଓ କୃତିତ୍ୱ ପାଇଁ କନ୍ଧମାଳ ଜିଲ୍ଲାରେ ଏଭଳି ସାହିତ୍ୟର ବିକାଶ ପାଇଁ ଆପଣଙ୍କ ସ୍ୱଲିଖିତ ୩୫ ଖଣ୍ଡ ଆଧାତ୍ମିକ ପୁସ୍ତକ ସଦା ସର୍ବଦା ସାହିତ୍ୟ ବାଣୀଭଣ୍ଡାରକୁ ବିକାଶ କରିବ ବୋଲି ସୁଲୋଚନା ଦାସ ମେୟେର ଭୁବନେଶ୍ୱର ମତବ୍ୟକ୍ତ କରିଥିଲେ। ଆପଣଙ୍କର ଏହି କୃତି ପାଇଁ ମାନପତ୍ର ଓ ଉପଢ଼ୌକନ ଦେଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଆପଣଙ୍କୁ ସମ୍ମାନିତ କରିଥିଲେ । ଏହି କ୍ଷୁଦ୍ର ଓ ମଧ୍ୟମ ସମ୍ବାଦ ପତ୍ର ସମ୍ପାଦକ ସଂଗଠନର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ବିପିନବିହାରୀ ମିଶ୍ର ଓଡିଶା ସମାଜ ଅଧକ୍ଷ ମୁମ୍ବାଇ ଓ ମୁଖ୍ୟ ଏଡିଟର ମୁମ୍ବାଇ ଓଡ଼ିଆ ସମାଜର ଯୋଗ ଦେଇଥିଲେ।

ଏତଦ୍ ଭିନ୍ନ ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମିଶ୍ର, ସୂର୍ଯ୍ୟମଣି ମିଶ୍ର ବରିଷ୍ଠ ସାମ୍ବାଦିକ, ଶରତ ମିଶ୍ର ବରିଷ୍ଠ ସାମ୍ବାଦିକ, ସମ୍ପାଦକ ଏନ.ଜେ.ଡବ୍ଲୁ, ଲଳିତନାରାୟଣ ରଥ, ଶକ୍ତିସାଇ ମିଶ୍ର ସହଯୋଗୀ ଏଡିଟର ଅର୍ଗସ ନିଉଜ୍ ଭୁବନେଶ୍ୱର, ପ୍ରସନ୍ନ ମହାନ୍ତି ବରିଷ୍ଠ ସାମ୍ବାଦିକ ,ଓ.ୟୁ.ଯେ ଭୁବନେଶ୍ୱର, ବିଧାୟକ ପାଲହାର ଅଶୋକ ମହାନ୍ତି, ବିଧାୟକ ପରଜଙ୍ଗ ବିଭୁତିଭୂଷଣ ପ୍ରଧାନ, ବିଧାୟକ ଅନୁଗୁଳ ପ୍ରତାପ ଚନ୍ଦ୍ର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ନାୟକ ସଭାପତି ବିଜେପି, ମଦନ ମୋହନ ସାହୁ ଉପସଭାପତି ବିଜେପି, ବିରଂଚି ପ୍ରିୟ ସାମନ୍ତରାୟ ମୁଖ୍ୟ ଏଡିଟର ଆଶାପ୍ରଦୀପ, ଭୁବନେଶ୍ୱର, ରାଜେଶ କୁମାର ଦେହୁରୀ ସାମ୍ବାଦିକ ପ୍ରମୟ ଢେଙ୍କାନାଳ, ବାଳକୃଷ୍ଣ ରାଉତ, ଦିନମୋହନ ରାୟ ଅନୁଗୁଳ ବରିଷ୍ଠ ସାମ୍ବାଦିକ ଓ ମାଟି ଭାଷାର ସମ୍ପାଦକ ଦିଲ୍ଲୀପ କୁମାର ଜେନାମଣି ଉପସ୍ଥିତ ରହି ସଂଘର ବିଭିନ୍ନ ପ୍ରକାର ସମସ୍ୟାର କିପରି ସମାଧାନ ହୋଇପାରିବ ସେହି ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ଅବସରରେ ଓଡିଶାର ପ୍ରତ୍ୟକ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମାନେ ଯୋଗଦେଇ ନିଜ ନିଜ ଅଂଚଳର ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ସର୍ବଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଡ଼ଃ. ନୃସିଂହାନନ୍ଦ ମହାପାତ୍ର ବୈଦିକ ଶାନ୍ତି ପାଠ ଉଚ୍ଚାରଣ କରି ସଭା ସାଙ୍ଗ କରିଥିଲେ ।

# ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ବୈଠକ

ମାଲକାନଗିରି, ୨/୦୮ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତର ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅଭିଭାବିକା ଗୀତାଞ୍ଜଳି ପ୍ରଧାନ ସଭାପତିତ୍ୱ କରିଥିଲାବେଳେ, ବିଦ୍ୟାଳୟ ର ଅଧକ୍ଷ ମହେଶ୍ୱର ସାହୁ ବୈଠକ ପରିଚାଳନା କରିଥିଲେ ଓ ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଗତ ଦିନରେ ହୋଇଥିବା ପି.ଟି -୧ ପରୀକ୍ଷା ରେ ଛାତ୍ରଛାତ୍ରୀ ମାନଙ୍କ ପରୀକ୍ଷାଫଳ ବିଷୟରେ ଅଧକ୍ଷ ଶ୍ରୀ ସାହୁ ସୂଚନା ଦେବାସହ ସମସ୍ତ ଅଭିଭାବକ ଓ ଅଭିଭାବିକାଙ୍କୁ ପିଲାମାନଙ୍କୁ ପ୍ରତିଦିନ ବିଦ୍ୟାଳୟ କୁ ପଠାଇବାକୁ ଅନୁରୋଧ କରିଛନ୍ତି।

ଏହି ଅବସରରେ ପରୀକ୍ଷାଫଳ ବିଷୟରେ ସମସ୍ତେ ତର୍ଜମା କରିବା ସହ, ନିର୍ଦ୍ଦିଷ୍ଟ ବିଷୟ ମାନଙ୍କରେ ଦୁର୍ବଳ ଥିବା ପିଲାମାନଙ୍କୁ ଟିକିଏ ଅଧିକ ଗୁରୁତ୍ୱ ଦେବାକୁ ଅଭିଭାବକ ମାନେ ଶିକ୍ଷକ ମାନଙ୍କୁ ଅନୁରୋଧ କରିଛନ୍ତି । ପରିଶେଷରେ ଅଧକ୍ଷ ଶ୍ରୀ ସାହୁ ଆଗାମୀ ଦିନରେ ପିଲାମାନଙ୍କର ଗୁଣାତ୍ମକ ଶିକ୍ଷାଦାନ ସହ ଶିକ୍ଷାଦାନ କ୍ଷେତ୍ରରେ ବିଦ୍ୟାଳୟର ନାମକୁ ଉଚ୍ଚ ସ୍ତରକୁ ନେବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଅନୁଗୁଳରେ ଦଶ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ସଦସ୍ୟତା କରିବ ଏବିଭିପି

ଅନୁଗୁଳ, ୨/୦୮ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶୃଙ୍ଖଳିତ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଦୀର୍ଘ ୭୬ ବର୍ଷ ଧରି ସାମାଜିକ ଓ ଶିକ୍ଷାକ୍ଷେତ୍ରରେ କାମ କରି ଆସୁଅଛି । ପ୍ରତି ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡିବା ଏବଂ ରାଷ୍ଟ୍ରୀୟପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବେ ଏବିଭିପି ତା ପାଇଁ ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭକରିଥାଏ । ଚଳିତ ଶିକ୍ଷା ବର୍ଷରେ ଏବିଭିପି ଓଡିଶା ୨,୫୦୦୦୦ ସଦସ୍ୟତାର ଲକ୍ଷ୍ୟ ନେଇଛି । ସେହି ଭଳି ଅନୁଗୁଳ ଜିଲ୍ଲାରେ୧୦୦୦୦ ରୁ ଉର୍ଦ୍ଧ ସଦସ୍ୟ ସଂଗ୍ରହ କରିବ ବୋଲି ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ କହିଛନ୍ତି । ପ୍ରତ୍ୟକମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଂଚି ସଦସ୍ୟତା ଆରମ୍ଭ କରିସାରିଲାଣି । ଚଳିତମାସ ୧୮ ତାରିଖରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସଦସ୍ୟତା ଅଭିଯାନ ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବାଛାତ୍ରଛାତ୍ରୀ ମାନଙ୍କୁ ଯୋଡିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି । ସେହିପରିଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି । ରାଜ୍ୟରେ କୁଡ଼ ବୁଢ଼ଅଧ୍ୟାପକ ମରୁଡି ଓଡ଼ିଶାରେ କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ବିଜୁ ଛାତ୍ର ଜନତା ଦଳ ଏବଂ ଅନେକ ରାଜନୈତିକ ଦଳମାନେନଷ୍ଟ କରିବାରେ ସଫଳ ହେଉଛନ୍ତି ।ରାଷ୍ଟ୍ରୀୟ ସମ୍ପାଦକ ବୁଦ୍ଧଦେବ ବାଘ କହିଛନ୍ତି ,ଏବିଭିପି ପ୍ରତ୍ୟକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତକ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି । ଆରମ୍ଭ କରିସାରିଲାଣି । ଛାତ୍ରଛାତ୍ରୀଙ୍କ ମନରେ ଛାତ୍ରସଂସଦ ନିର୍ବାଚନ କୁ ନେଇ ଉତ୍କଣ୍ଠା ମଧ ଦେଖିବାକୁ ମିଳୁଛି । ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତାଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ । ଆଉ ଆମେ ଦୃଢ଼ ଆଶାବାଦୀନୂତନ ସରକାର ଓଡିଶାରେ ଛାତ୍ର ସଂସଦ ନିର୍ବାଚନର ବାଟ ଖୋଲିବେ । ଚଳିତ ବର୍ଷର ସଦସ୍ୟତା ଅଭିଯାନରେ ଓଡ଼ିଶାର ବିଦ୍ୟାର୍ଥୀମାନେ ଅଧିକ ସଂଖ୍ୟାରେ ଯୋଡି ହୋଇ ଏବିଭିପି ର ସଦସ୍ୟ ହୁଅନ୍ତୁ ବୋଲି ଏବିଭିପି ଆହ୍ୱାନ କରୁଛି ।

# ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ପୁରୀ , ୨/୦୮ (ନି.ପ୍ର): ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ସ୍ତନ୍ୟପାନ ଦିବସ ୨୦୨୪ ପାଳନ କରାଯାଇଛି । ଏହି ଉପଲକ୍ଷେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀ, ଡାକ୍ତର, ନର୍ସିଂ ଅଫିସର,ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ, ସହରାଂଚଳର ଆଶା କର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି କର୍ମୀ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ରହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପଭାନୁ ମିଶ୍ର ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ ଓ କହିଥିଲେ ମା କ୍ଷୀରର କୌଣସି ବିକଳ୍ପ ନାହିଁ ତେଣୁ ପ୍ରତ୍ୟେକ ଶିଶୁ ଜନ୍ମଠାରୁ ୬ ମାସ ପର୍ଯ୍ୟନ୍ତ କେବଳ ମା କ୍ଷୀର ଖାଇବା ଦରକାର । ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଶିଶୁ ବିଭାଗର ମୁଖ୍ୟ ଡାକ୍ତର ଆରତୀ ବେହେରା କହିଥିଲେ ଶିଶୁଟିଏ ମା କ୍ଷୀରରୁ ବଂଚିତ ରହିଲେ ବିଭିନ୍ନ ପ୍ରକାର କୁପୋଷଣର ଶିକାର ହୋଇଥାଏ ଏବଂ ପ୍ରତ୍ୟକ ଶିଶୁକୁ ମା ମାନଙ୍କ ଦ୍ୱାରା କିପରି ସଠିକ ଉପାୟରେ କ୍ଷୀର ଦିଆଯିବା ଦରକାର ସେବିଷୟରେ ଆଲୋକପାତ କରିଥିଲେ । ନଚେତ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଇଯିବା ସହିତ ଶିଶୁଟି ମୃତ୍ୟୁ ମୁଖରେ ମଧ ପଡିବାର ସମ୍ଭାବନା ଥାଏ । ତେଣୁ ଏଥି ପ୍ରତି ବିଶେଷ ଧ୍ୟାନ ଦେବା ଦରକାର । ପିଲାଟିଏ ମା' କ୍ଷୀର ଖାଇବାପରେ ତାର ପିଠିକୁ କିପରି ଥାପୁଡ଼ାଇବା ଦରକାର ସେ ବିଷୟରେ ମଧ ସମସ୍ତଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମା କ୍ଷୀର ଶିଶୁ ପାଇଁ କିପରି ଏକ ପ୍ରାକୃତିକ ଟୀକା ସଦୃଶ୍ୟ ହୋଇଥାଏ ଏବଂ ଶିଶୁର ମାନସିକ ବିକାଶ ଭଲରେ ହୋଇଥାଏ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ମା' ର କଷକ୍ଷୀର ଶିଶୁ ପାଇଁ କିପରି ବହୁତ ଉପଯୋଗୀ ହୋଇଥାଏ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ କହିଥିଲେ । ଏହି ସଭାରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକଟର ବାହିତ) ଡାକ୍ତର ବିନୋଦ ବିହାରୀ ରଥ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ମା' କ୍ଷୀରର ଭୂମିକା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଅତିରକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ପ୍ରବନ୍ଧକ ଟି ନାରାୟଣ ରାଓ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଆଶା ମ୍ୟାନେଜର ଅଶୋକ କୁମାର ସାହୁ ଏବଂ ସହ ପରିଚାଳକ (ତାଲିମ), ମନୋଜ ପଣ୍ଡା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୪ ଜଣ ବରିଷ୍ଠ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା, ୨/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୪ ଜଣ ବରିଷ୍ଠ କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଏବଂ ଚଳିତ ବର୍ଷ ସର୍ବଭାରତୀୟ ସିଭିଲ ସର୍ଭିସେସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା, ଡେପୁଟି କଲେକ୍ଟର ଶ୍ରୀ ବିଶ୍ୱଜିତ ପଣ୍ଡାଙ୍କୁ ବୁଧବାର ଦିନ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସଭାପତିତ୍ୱ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଏହି ସଭାକୁ ପରିଚାଳନା କରିଥିଲେ। ଚଳିତ ମାସ (ଜୁଲାଇ)ରେ ସରକାରୀ ଚାକିରୀ କ୍ଷେତ୍ରରୁ ଅବସର ଗ୍ରହଣ କରୁଥିବା ବରିଷ୍ଠ କର୍ମୀ ମାନେ ହେଲେ: ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଶ୍ରୀ ପ୍ରଣବ କୁମାର ଜେନା, ଜିଲ୍ଲା ଜରୁରୀକାଳୀନ ବିଭାଗରେ କାର୍ଯ୍ୟରତ ବରିଷ୍ଠ



କର୍ମକର୍ତ୍ତା ଶ୍ରୀ ଅର୍ଦ୍ଧେନ୍ଦୁ ଶେଖର ଷଡ଼ଙ୍ଗୀ, ଜିଲ୍ଲାପାଳଙ୍କ ପେସକାର ଶ୍ରୀ ଅକ୍ଷୟ ପଣ୍ଡା, ଏବଂ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରୀ ବେଣୁଧର ପାଢ଼ୀ।ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଗତ ୩୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଏହି କର୍ମଚାରୀ ମାନଙ୍କ ଅତୁଟ ଯୋଗଦାନ ଏବଂ ଆଗାମୀ ଅବସରକାଳୀନ ଜୀବନ ସୁଖମୟ ହେବାପାଇଁ ଜିଲ୍ଲାପାଳ କାମନା କରିଥିଲେ। ପ୍ରକୃତରେ ଜଣେ ଅଧିକାରୀ ଶ୍ରେଷ୍ଠ ହୁଏ, ନିଜ କର୍ମଚାରୀ ମାନଙ୍କ ପ୍ରୟାସରେ ଏବଂ ସେଇ ମାନଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପ୍ରଶାସନ ସଫଳ ହୁଏ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ଏହି ଚାରିଜଣ ବରିଷ୍ଠ କର୍ମଚାରୀଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ୪ଟି ସ୍ତମ୍ଭ ବୋଲି ନିଜ ଅଭିଭାଷଣରେ କହିଥିଲେ। ଏଠି ସହିତ, ୨୦୨୩ ସର୍ବଭାରତୀୟ ସିଭିଲ ସର୍ଭିସେସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା, ତଥା ବର୍ତ୍ତମାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର (ଭୂ-ଅର୍ଜନ) ଶ୍ରୀ ବିଶ୍ୱଜିତ ପଣ୍ଡାଙ୍କୁ ମଧ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ, ଶ୍ରୀ ପଣ୍ଡା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିଜସ୍ୱ ଅଭିଜ୍ଞତା ତଥା ଏକ ବାତ୍ସଲ୍ୟପୂର୍ଣ୍ଣ ବାତାବରଣରେ କାର୍ଯ୍ୟକ୍ଷମତା ବିଷୟରେ କହି ଭାବ ବିହ୍ୱଳ ହୋଇପଡ଼ିଥିଲେ। ସୂଚନାଥାଉକି, ଶ୍ରୀ ପଣ୍ଡା ୨୦୨୩ ସର୍ବଭାରତୀୟ ସିଭିଲ ସର୍ଭିସେସ ପରୀକ୍ଷାରେ, ୩୪୩ ରାଙ୍କ ରଖି ଭାରତୀୟ ପୋଲିସ ସେବାରେ ଯୋଗ ଦେବା ପାଇଁ କିଛି ଦିନ ମଧ୍ୟରେ ଓଡିଶା ପ୍ରଶାସନିକ ସେବାରୁ ଦାୟିତ୍ୱ ନିବୃତ୍ତ ହେବେ ଏବଂ ଖୁବ ଶୀଘ୍ର ମସୌରି ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ପାଇଁ ଯୋଗଦାନ କରିବେ। ଏହି ସୌଜନ୍ୟ ମୂଳକ ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସମସ୍ତ ବିଦାୟୀ କର୍ମଚାରୀ ଏବଂ ଅଧିକାରୀଙ୍କୁ ସମ୍ମାନିତ କରିବା ସହିତ ସେମାନଙ୍କ ଦୀର୍ଘାୟୁ ଏବଂ ସୁଖଦ ଭବିଷ୍ୟତ କାମନା କରିଥିଲେ। ଏହି ସଭାରେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଡେପୁଟି କଲେକ୍ଟର, ସୁଶ୍ରୀ ବସୁନ୍ଧରା ଭିତିରିଆ, ଡେପୁଟି କଲେକ୍ଟର (ରାଜସ୍ୱ) ଡଃ ଶୁଭଙ୍କରୀ ଦାଶ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି, ସହକାରୀ ଜିଲ୍ଲାପାଳ ସୁଶ୍ରୀ ମାନସୀ ତରାଇ, ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ ଯୋଗଦେଇ ବିଦାୟୀ ଅଧିକାରୀ ଶ୍ରୀ ପଣ୍ଡା ଏବଂ ଅବସର ନେଇଥିବା ୪ଜଣ ବରିଷ୍ଠ କର୍ମଚାରୀଙ୍କ ସୁଖମୟ ଜୀବନ କାମନା କରିଥିଲେ।

# କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟିରେ ଆନ୍ତର୍ଜାତୀୟ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨/୦୮ (ନି.ପ୍ର): ଆନ୍ତର୍ଜାତୀୟ ପର୍ବତାରୋହୀ ସୁଶ୍ରୀ ବିଭାରାଣୀ ପାତ୍ରଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟିର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଢେଙ୍କାନାଳ ଜିଲା ମେରାମୁଣ୍ଡଳୀ ନିବାସୀ ସୁଶ୍ରୀ ବିଭାରାଣୀଙ୍କୁ ସମିତିର କର୍ମଚାରୀମାନଙ୍କ ପକ୍ଷରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରମୋଦ ସାହୁଙ୍କ ଉପସ୍ଥିତରେ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଙ୍ଗେ ସଙ୍ଗେ କର୍ମଚାରୀମାନଙ୍କ ପକ୍ଷରୁ ସଂଗ୍ରହ କରାଯାଇଥିବା ୨୫ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଓ ସମିତିର ଲୋଗୋ ସଭାପତି ଶ୍ରୀ ସାହୁ ତାଙ୍କୁ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଋଷିଆ ଓ ୟୁରୋପ ମଧ୍ୟରେ ଅବସ୍ଥିତ ଏଲବ୍ରସ ପର୍ବତ ଆରୋହଣ ପାଇଁ ଚଳିତ ଅଗଷ୍ଟ ମାସ ୬ ତାରିଖ ଦିନ ଭୁବନେଶ୍ୱର ବିମାନ ବନ୍ଦରରୁ ବିଭାରାଣୀ ଯାତ୍ରା କରିବେ। ତାଙ୍କର ଏହି ଦୁଃସାହସିକ ପଦକ୍ଷେପ ପାଇଁ ସମିତିର ସଭାପତି ଶ୍ରୀ ସାହୁ, ନିର୍ଦ୍ଦେଶକ ଅମିତାଭ ସାହୁଙ୍କ ସମେତ ସମିତିର ସମ୍ପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ନୋଡାଲ ଅଫିସର ଦିଲ୍ଲିପ ସ୍ୱାଇଁ, ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଏବଂ ଏଜେଂଟ ବୃନ୍ଦ ଶ୍ରୀ ଶ୍ରୀ ସିଦ୍ଧ ବଳଦେବାଜୀଉ ମହାପ୍ରଭୁଙ୍କ ନିକଟରେ ପର୍ବତାରୋହୀ ବିଭାରାଣୀଙ୍କ ସଫଳତା ଓ ଶୁଭକାମନା ନିମନ୍ତେ ପ୍ରାର୍ଥନା କରିଛନ୍ତି। ସୂଚନାଯୋଗ୍ୟ ଯେ ବିଭାରାଣୀ ପୂର୍ବରୁ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ୨୦୧୦ ମସିହାରେ ଜାମ୍ମୁ କାଶ୍ମୀରରେ ରୌପ୍ୟ ପଦକ, ୨୦୧୧ ମସିହାରେ ଡେରାଡୁନ ଠାରେ ସେହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ୨୦୧୨ ମସିହାରେ ହାଇଦ୍ରାବାଦ ଠାରେ ଅନୁରୂପ ପ୍ରତିଯୋଗିତାରେ ମଧ ରୌପ୍ୟ ପଦକ ପାଇଥିଲେ। ଆହୁରି ମଧ ୨୦୧୯ରେ ଆବୁଧାବି ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ ଶିଖର ସମ୍ମିଳନୀରେ ଆନ୍ତର୍ଜାତୀୟ ଯୁବ ପୁରସ୍କାର ଓ ୨୦୨୦ ମସିହାରେ ବାଂଲାଦେଶ ଠାରେ ଅନୁରୂପ ସମ୍ମିଳନୀରେ ମଧ ଆନ୍ତର୍ଜାତୀୟ ଯୁବ ପୁରସ୍କାର ପାଇଥିଲେ। ସେହିପରି ୨୦୨୨ ମସିହାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ ଶିଖର ସମ୍ମିଳନୀରେ ବିଭାରାଣୀ ଜାତୀୟ ଯୁବ ନେତୃତ୍ୱ ପୁରସ୍କାର ହାସଲ କରିଥିଲେ। ଆନ୍ତର୍ଜାତୀୟ ପର୍ବତାରୋହୀ ବିଭାରାଣୀଙ୍କୁ ସମିତିର କର୍ମଚାରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଓ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନକୁ ସର୍ବତ୍ର ପ୍ରଶଂସା କରାଯାଇଛି।

# ଏକକାଳୀନ ବକେୟା ମୋଟରଯାନ କର ପଇଠ ପାଇଁ ସୁଯୋଗ

ଭଦ୍ରକ, ୨/୮ (ନି.ପ୍ର): ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଭଦ୍ରକ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଭଦ୍ରକରେ ଏକ କାଳୀନ ବକେୟା ମୋଟର ଯାନ କର ପଇଠ ପାଇଁ ବନ୍ଦୋବସ୍ତ ଯୋଜନାର ପ୍ରଚାର ପ୍ରସାର ପାଇଁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ୩୧.୦୩.୨୦୨୨ ପର୍ଯ୍ୟନ୍ତ ଗାଡ଼ିର ମୋଟର ଯାନ କର ଦେଇ ନଥିଲେ ବି ବର୍ତ୍ତମାନ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକକାଳୀନ ଟିକସ୍ ପଇଠ ପାଇଁ ରିହାତି ଯୋଜନା ର ସୁଯୋଗ ନେଇ ପାରିବେ। ସୂଚନାଯୋଗ୍ୟକି ଏହି ଯୋଜନାରେ ଯଦି ଜଣେ ଗାଡ଼ି ଟିକସ ପଇଠ କରି ଗାଡ଼ିକୁ ପୁନଃ ଚଳାଇବା ପାଇଁ ଚାହାନ୍ତି ତେବେ ତାଙ୍କୁ ଜୋରିମାନା ଛାଡ଼ କରାଯିବ। ଗାଡ଼ିକୁ ସ୍କ୍ରାପ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଟିକସ ଓ ଜୋରିମାନ ଉଭୟକୁ ସମ୍ପୂର୍ଣ୍ଣ ଛାଡ଼ କରାଯିବ। ପୂର୍ବରୁ ଆର.ଟି.ଓ.ଙ୍କ ଅନୁମତି ନନେଇ ସ୍କ୍ରାପ୍ କରିଥିଲେ ମଧ ସମ୍ପୂର୍ଣ୍ଣ ଟିକସ ଏବଂ ଜୋରିମାନା ଛାଡ଼ କରିବାର ବ୍ୟବସ୍ଥା ଅଛି। ଏକବର୍ଷ ପର୍ଯ୍ୟନ୍ତ ବୈଧ ଥିବା ଏହି ଯୋଜନା ସମସ୍ତ ଗାଡ଼ି ପାଇଁ ଉଦ୍ଦିଷ୍ଟ। ଏଥିରେ ଅନ୍ତର୍ଭୁକ୍ତ ହେବା ପାଇଁ ନିର୍ଦ୍ଦିଷ୍ଟ ଆବେଦନ ଫର୍ମରେ ଆବେଦନ କରିବାକୁ ହେବ। ସହାୟକ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଭଦ୍ରକର କର୍ମଚାରୀମାନେ ପଞ୍ଚାୟତ ସମିତି, ଭଦ୍ରକକୁ ଆସିଥିବା ଜନସାଧାରଣ ଓ ମୋଟର ଯାନ କର ପୈଠ କରିନଥିବା ମାଲିକ ମାନଙ୍କୁ ଏହି ଶିବିରରେ ଉକ୍ତ ଯୋଜନା ବିଷୟରେ ଅବଗତ କରାଇଥିଲେ।



# ଇଫକୋରେ ଜିଲ୍ଲାସ୍ତରୀୟ ମକଡ୍ରିଲ



ପାରାଦୀପ, ୨/୮ (ନି.ପ୍ର): ପାରାଦୀପ ଇଫକୋରେ ଜିଲ୍ଲା ପ୍ରଶାସନ ଓ ୩ ବିଏନ ଏନଡ଼ିଆରଏଫ ମିଳିତ ସହଯୋଗରେ କେମିକାଲ, ରେଡ଼ିଓଲୋଜିକାଲ, ବାୟୋ ଲୋଜିକାଲ ଓ ନ୍ୟୁକ୍ଲିଅର (ସିଆରବିଏନ) ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ମକ ଡ୍ରିଲ ବା କୌଶଳ ଅଭ୍ୟାସ ଶୁକ୍ରବାର ଦିନ ଇଫକୋ ପାରାଦୀପ ୟୁନିଟ ଆମୋନିଆ ପ୍ଲାଣ୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପରିବହନ ସମୟରେ ତରଳ ଆମୋନିଆ ଲିକେଜ ଏବଂ ତତଜନିତ ଦୁର୍ଘଟଣା ଏବଂ ଏହାର ନିୟନ୍ତ୍ରଣ ଉପରେ ଏହି ମକ ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଫକୋ, ଆଇଓସିଏଲ, ପାରାଦୀପ ବନ୍ଦର ସିଆଇଏସଏଫ କର୍ମଚାରୀଙ୍କ ସମେତ ଏନଡ଼ିଆରଏଫର ସଦସ୍ୟ ମାନେ ଅଂଶଗ୍ରହଣ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦୀପ ଶାଖାର ଆଞ୍ଚଳିକ ନିର୍ଦ୍ଦେଶକ ସି.ଏସ.ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧିକାରୀ ଓ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ହାକାଥନ ୨୦୨୪ ଅନୁଷ୍ଠିତ

ମାଲକାନଗିରି, ୨/୮ (ନି.ପ୍ର): ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ହାକାଥନ ଅଧକ୍ଷ ଦୁଷ୍ମନ୍ତ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଯୋଗଦାନ କରି ପ୍ରକଳ୍ପକୁ ଉଦଘାଟନ କରିଥିଲେ । ଏହି ପ୍ରକଳ୍ପକୁ ଓଡିଶା ସରକାର, ଆଇ.ଆଇ.ଟି ଏବଂ ଓସେପା ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଅଜିତ କୁମାର କବାସୀ, ଦ୍ୱିତୀୟ ସ୍ଥାନ ଓଡିଶା ଆଦର୍ଶ ବିଦ୍ୟାଳୟ ଗନ୍ଧିପାଲ୍ଲୀ, ତୃତୀୟ ସ୍ଥାନରେ ରହିଛି । ଏହି କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ପାଣିଗ୍ରାହୀ, ସଂଯୋଜକ ସ୍ୱାଗତ ଭାଷଣ ଦେବା ସହିତ ମଂଚ ପରିଚାଳନା କରିଥିଲେ । ମୁଖ୍ୟବକ୍ତା ପଦ୍ମନାଭ ପୁଆଲ, ମୁରଲୀ ମାଝୀ, ନିକିତା କୁମାରୀ ସିଙ୍ଗ ମଂଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ୧୫,୦୦୦, ୧୦,୦୦୦, ୫,୦୦୦ ସହିତ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରା ଯାଇଥିଲା । ସ୍ୱତନ୍ତ୍ର ଅତିଥି ରୂପେ ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମାଲକାନଗିରି ମହାବିଦ୍ୟାଳୟ, କୃତି ଛାତ୍ର ଛାତ୍ରୀଙ୍କୁ ମାନପତ୍ର ସହିତ ଡମିଚେକ ପ୍ରଦାନ କରିଥିଲେ ।

# ଗଛକୁ ବାଡେଇ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ

ନୀଳଗିରି, ୨/୮ (ନି.ପ୍ର): ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳା ପାଇଁ ପ୍ରତିଦିନ ରାସ୍ତା ଦୁର୍ଘଟଣାରେ ଜୀବନ ଯାଉଛି । ଶେରଗଡ଼ - ଝରଣାଘାଟି ୧୯ ନମ୍ବର ରାଜ୍ୟ ରାଜପଥର ପ୍ରଶସ୍ତି କରଣ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଥିଲେ ହେଁ, କାର୍ଯ୍ୟ ଶେଷ ହେବାର ନାମ ଧରୁ ନାହିଁ । ଯେଉଁଥି ପାଇଁ, ଉକ୍ତ ରାସ୍ତାରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏପରି ଘଟଣା ବାରମ୍ବାର ହେଉଥିଲା




ବେଳେ ଆଜି ଅପରାହ୍ନ ପ୍ରାୟ ୫ ଘଟିକା ସମୟରେ, ଭାଲୁକାଶୁଣି ଛକ ନିକଟରେ ଏକ ଗଛରେ ପିଟି ହୋଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂଚନା ରୁ ଜଣାଯାଇଛି, ପଶ୍ଚିମବଙ୍ଗ ପୂର୍ବ ମିଦିନାପୁର ଜିଲ୍ଲା, ନନ୍ଦକୁମାର ତାଲୁକ୍,ବାସୁଦେବପୁର ଗ୍ରାମର ସିତାଂଶୁ ଆଚାର୍ଯ୍ୟଙ୍କ ପୁତ୍ର ତାପସ ଆଚାର୍ଯ୍ୟ (୪୦),ଏକ ବାଇକ ଯୋଗେ, ବାଲେଶ୍ୱର ଭାୟା ଶେରଗଡ଼ ହୋଇ ଉଦଳା ଆଡ଼କୁ ଯାଉଥିବା ସମୟରେ, ଭାଲୁକାଶୁଣି ଛକ ନିକଟରେ ରାସ୍ତା ମଝିରେ ଥିବା ଗଛରେ ପିଟି ହୋଇଯାଇଥିଲେ । ସ୍ଥାନୀୟ ଲୋକେ,୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ ହେଁ,ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି । ନୀଳଗିରି ପୋଲିସ୍ ଏନେଇ ନିଜ ପକ୍ଷରୁ ଏକ କେଶ୍ ରୁଜୁ କରି, ତଦନ୍ତ ଆରମ୍ଭ କରିବା ସହିତ, ଆଧାର କାର୍ଡରୁ ଠିକଣା ପାଇ ପରିବାର ବର୍ଗଙ୍କୁ ଖବର ଦେଇଥିବା ସୂଚନା ମିଳିଛି । ଏଠାରେ ସୂଚନା ଯୋଗ୍ୟ, ମୃତ ବ୍ୟକ୍ତି ଜଣକ,ଉକ୍ତ ରାସ୍ତା ପ୍ରସଶ୍ତିକରଣ କାର୍ଯ୍ୟରେ ଜଣେ ଅମିନ ଭାବରେ କାର୍ଯ୍ୟ କରୁଥିଲେ ବୋଲି,ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ।

## ବଣାଇରେ ପୁଣି ଚୋରି: ତାଲା ଭାଙ୍ଗି ଲୁଟିନେଲେ ସୁନାଗହଣା

ଭୁବନେଶ୍ୱର/ବଣାଇ, ୨/୮ (ନି.ପ୍ର): ବଣାଇରେ ପୁଣି ଚୋରି । ଆଜି ବଣାଇ ଏସଏନ୍ ମାହାନ୍ତୀ ପ୍ଲାଣ୍ଟ କଲୋନୀରୁ ଚାରୋଟି ଘରୁ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ସୁନାଗହଣା ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି । ମାସକରେ ସମାନ ଢଙ୍ଗରେ ୩ ଥର ଚୋରି ହୋଇଛି । ତେବେ ପୋଲିସ ଚୋରକୁ ଧରିବାରେ ଫେଲ୍ ମାରିଛି । ପୋଲିସକୁ ଚ୍ୟାଲେଂଜ ଦେଇ ଚୋର ଗୋଟିଏ ପରେ ଗୋଟିଏ ଚୋରି କରିଚାଲିଛନ୍ତି ।


**AFFIDAVIT**

An affidavit before the executive Magistrate Basuvdevpur, I, Malati Palei, aged about 42 yrs, P.S- Basudevpur, Dist-Bhadrak, Odisha declare that my actually name is Malati Palei which is mentioned in Aadhar card & SBI Bank Passbook but mistakely my name has been mentioned in LIC Policy Bond vide Policy No- 588858107 as Jambubati Palei. Both the name Malati Palei & Jambubati Palei is one and same person. Henceforth I will be known as Malati Palei in all purpose.

**Malati Palei**

# ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଜଉ କଣ୍ଢେଇ ବାହାଘର ଲୋକପର୍ବ ଉଦ୍‌ଘାଟିତ

ବାଲେଶ୍ୱର, ୨/୮ (ନି.ପ୍ର): ଆଜି ସନ୍ଧ୍ୟାରେ ବାଲେଶ୍ୱର ସହରର ମଧ ଭାଗରେ ଅବସ୍ଥିତ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ବାଲେଶ୍ୱରୀ ଲୋକ ମହୋତ୍ସବ ଜଉ କଣ୍ଢେଇ ବାହାଘର ଉଦଘାଟିତ ହୋଇ ଯାଇଛି । ବାଲେଶ୍ୱର ଲୋକ ସଂସ୍କୃତି ଓ କଳାର ଏହି ମହାନ ଗଣପର୍ବକୁ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ସନ୍ତୋଷ କୁମାର ତ୍ରିପାଠୀ ଉଦ୍ଘାଟନ କରିଥିଲେ । ଆପଣାର ଉଦ୍ଘାଟକ ଅଭିଭାଷଣରେ ଡ଼ଃ ତ୍ରିପାଠୀ କହିଲେ ଓଡ଼ିଶାମାଟି ଏହି ମହାନ ବାଲେଶ୍ୱରର ସାହିତ୍ୟ ସଂସ୍କୃତି ଓ କଳା ପାଇଁ ତାର ଅବଦାନ ପାଇଁ ଧନ୍ୟ ହୋଇଛି ।ଜଉ କଣ୍ଢେଇ ବାହାଘର ମାଧ୍ୟମରେ ଯେଉଁ ସାମାଜିକ ଦାୟିତ୍ୱ ଓ ସେବା କରୁଛନ୍ତି ତାହା ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । କୁଳପତି କହିଲେ ଯେ ବ୍ୟାସ କବି ଫକୀର ମୋହନଙ୍କ ଭୂମିରେ ତାଙ୍କରି ପ୍ରସିଦ୍ଧ ଗଳ୍ପର ନାୟକ ଚନ୍ଦ୍ରମଣି ଓ ନାୟିକା ସୁଲୋଚନା ଏ ବର୍ଷର ବର ଓ କନ୍ୟା ହୋଇଥିବାରୁ ଏହି




ଜଉକଣ୍ଢେଇ ବାହାଘରର ମହତ୍ତ୍ୱ ବହୁଗୁଣିତ ହୋଇଛି । ସେ ବର ଚନ୍ଦ୍ରମଣୀ ଓ କନ୍ୟା ସୁଲୋଚନାଙ୍କ ମାତାପିତାଙ୍କୁ ଶୁଭେଚ୍ଛା ଜଣେଇଥିଲେ ଓ ଜଉ କଣ୍ଢେଇ ବାହାଘର ସମିତିର ସମସ୍ତ ସଦସ୍ୟଙ୍କର ଅକ୍ଲାନ୍ତ ଉଦ୍ୟମକୁ ଭୂରି ଭୂରି ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭୋଗରାଇ ବିଧାନସଭା ମଣ୍ଡଳୀର ବଧାୟକ ତଥା ଲେଖକ ଗୌତମବୁଦ୍ଧ ଦାସ କହିଲେ ଯେ ଜଉକଣ୍ଢେଇ ବାହାଘର ଉତ୍ସବ ଏକ ସମ୍ପର୍କର ଉତ୍ସବ । ପ୍ରେମ ଓ ଭଲପାଇବାର ସନ୍ଦେଶ ଦିଏ ଏହି ଜଉକଣ୍ଢେଇ ବାହାଘର ଉତ୍ସବ । ବାଲେଶ୍ୱର ଭଳି ସାହିତ୍ୟ, ସଂସ୍କୃତି ଓ କଳାର ଭୂମିରୁ ସାରା ଓଡିଶାକୁ ବାର୍ତ୍ତା ଦେଉଥିବ । ମୁଖ୍ୟ ବକ୍ତା ଭାବରେ ନିଜର ଅଭିଭାଷଣ ପ୍ରଦାନ କରି ଫକୀର ମୋହନ ସାହିତ୍ୟ ପରିଷଦର ସଭାପତି ଡ଼ଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଫକୀର ମୋହନଙ୍କର ପ୍ରସିଦ୍ଧ ଗଳ୍ପ ପେଟେଣ୍ଟ ମେଡ଼ିସିନର ଚନ୍ଦ୍ରମଣି ଓ ସୁଲୋଚନାଙ୍କ ଚରିତ୍ର ଓ ଏହି ଦୁଇ ଚରିତ୍ର କେମିତି ସମାଜକୁ କାଳ କାଳ ପାଇଁ ବାର୍ତା ଦେଇଛି ସେ ବିଷୟରେ ଆଲୋକପାତ କରିଥିଲେ । ସେ ଏ ବର୍ଷର ଜଉ କଣ୍ଢେଇ ବାହାଘରରେ ବରକନ୍ୟାଙ୍କର ନାଁ ଚନ୍ଦ୍ରମଣି ଓ ସୁଲୋଚନା ଦିଆ ଯାଇଥିବାରୁ ଖୁସି ବ୍ୟକ୍ତ କରିଥିଲେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ଐତିହ୍ୟସମ୍ପନ୍ନ ବାଲେଶ୍ୱରର ଏ ଜଉ କଣ୍ଢେଇ ବାହାଘର ଉତ୍ସବ ଏକ ସ୍ୱତନ୍ତ୍ର ଗଣାପର୍ବ ଭାବରେ ଅବିହିତ କରଥିଲେ । ଜଉ କଣ୍ଢେଇ ବାହାଘର ଉତ୍ସବର କାର୍ଯ୍ୟକାରୀ ସଭାପତି ଡ଼ଃ ଉପେନ୍ଦ୍ର ପ୍ରସାଦ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରାକ କଥା ରଖିଥିଲେ ଶିଳ୍ପୀ କେଶୁ ଦାସ । ସେ ଜଉ କଣ୍ଢେଇ ବାହାଘର ଉତ୍ସବର ଇତିହାସ ଓ ବର୍ତ୍ତମାନ ଉପରେ ପ୍ରକାଶ ଡାଳିଥିବାବେଳେ ସମ୍ପାଦକ ଡ଼ଃ କୁମାର ଗୋପାଳ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ମଞ୍ଚ ଆହ୍ୱାନ କରିଥିଲେ ସୁଶ୍ରୀ ବେହେରା ଓ ଶ୍ରୀ ରଘୁନାଥ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କର ନୃତ୍ୟ ଗ୍ରୁପର ଓଡିଶୀ, ସମ୍ବଲପୁରର ମୋହିନୀ ଛଉ ନୃତ୍ୟ, ଗୁରୁ ନନ୍ଦ କୁମାର ଦାସଙ୍କର ଗ୍ରୁପର ସାମୁହିକ ବାଦ୍ୟ ଓ ସରସ୍ୱତୀ ଶିଶୁମନ୍ଦିର ପିଲାଙ୍କର ନୃତ୍ୟସାମନ୍ତଙ୍କର ମନ ମୋହିଥିଲା । ଉଲ୍ଲେଖନୀୟ ଯେ ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆରେ ଧାଡ଼ିକି ଧାଡି ଦୋକାନ ସହ ମିନା ବଜାର ମେଳା ଅଗଷ୍ଟ ୬ ତାରିଖ ଯାଏଁ ଲାଗିବ । ସନ୍ଧ୍ୟା ୫ଟାରୁ ରାତି ୧୧ଟା ଯାଏଁ ଏହି ମେଳା ଖୋଲା ରହିବ ।

# ମାପ ଓ ଓଜନ ବିଭାଗର ଚଢାଉ: ଜୋରିମାନା ଆଦାୟ

ଜୟପୁର, ୨/୮ (ନି.ପ୍ର): ମାପ ଓ ଓଜନ ବିଭାଗ ତରଫରୁ ଆଜି ଚଢାଉ କରାଯାଇଛି । ବୋରିଗୁମ୍ମା ରୋଡରେ ଥିବା ଡାକ ବିଭାଗ, ଟି ଚାଉଳ ଦୋକାନ, ଗୋଟିଏ ମିଠା ଦୋକାନ ଚଢାଉ କରାଯାଇ ଜୋରିମାନା ଆଦାୟ କରାଯାଇଛି । ପାଖା ପାଖି ୧୫ ଟି ଦୋକାନ ଯାଂଚ କରାଯାଇଥିଲା । କେତେ ଦୋକାନି ନବି କରଣ କରିନଥିବା ବେଳେ ଆଉ କେତେକ ଦୋକାନ ଓ ଡାକ ବିଭାଗ ରେ ମାପ ଓ ଓଜନର କମ ରହିଥିଲା। ଏନେ ବିଭାଗ ତରଫରୁ ଚଢାଉ କରାଯାଇ ୧୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇ ଥିବା ବିଷୟ ମାପ ଓ ଓଜନ ବିଭାଗର ସହକାରି ନିୟନ୍ତ୍ରକ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ୟୁପିରୁ ଆଳୁ ଆଣି ...

ପୋଲିସ ମଧ ମୋଟା ଅଙ୍କର ଟଂକା ନେଇ ଆଳୁ ଗାଡି ଛାଡୁଛି । ସେଥିପାଇଁ ଗତକାଲି ଉତ୍ତର ପ୍ରଦେଶରୁ ୨୦ ଗାଡ଼ି ଆଳୁ ଆଣିବାକୁ ନିଷ୍ପତ୍ତି ହୋଇଛି। ଧୀରେ ଧୀରେ ପଶ୍ଚିମବଙ୍ଗରୁ ପୂରା ଆଳୁ ଆଣିବା ଠପ୍ କରାଯିବ। ବଡ଼ କଥା ହେଲା ଯଦିଓ ଆଳୁ ଉତ୍ପାଦନରେ ୟୁପି ଏକ ନମ୍ବରରେ ରହିଛି, ହେଲେ ସେଠୁ ଆଳୁ ଆଣିଲେ ପଶ୍ଚିମବଙ୍ଗ ଆଳୁଠାରୁ ଦର୍ ଟିକେ ଅଧିକ ରହିବ। କ୍ୱିଣ୍ଟାଲ ପ୍ରତି ୧୦୦ ଟଙ୍କା ଅଧିକ ପଡ଼ିବା ଆଶଙ୍କା ରହିଛି। ପଶ୍ଚିମବଙ୍ଗରୁ ଆଳୁ କ୍ୱିଣ୍ଟାଲ ପିଛା ୨୬୦୦ ଟଙ୍କା ପଡୁଥିବା ବେଳେ ୟୁପିରୁ ଆଣିଲେ ୨୭୦୦ ଟଙ୍କା ପଡ଼ିବ। କାହିଁକି ନା ଆଳୁ ଦାମ ସମାନ ଥିଲେ ବି ଟ୍ରାନ୍ସପୋର୍ଟ ବାବଦକୁ ଅଧିକ ଖର୍ଚ୍ଚ ହେବ। ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ବ୍ୟବସାୟୀ ମହାସଂଘ। ଏପଟେ ପଶ୍ଚିମବଙ୍ଗରୁ ଆଳୁ ଆସିବା ପରେ ଓଡ଼ିଶା ବଜାରେ କମୁଛି ଆଳୁ ଦର । ଆଜି ରାଜଧାନୀରେ ଆଳୁ କେଜି ପିଛା ୩୨ରୁ ୩୫ ଟଙ୍କା ରହିଛି। କିନ୍ତୁ ଏବେ ବି ପର୍ଯ୍ୟାପ୍ତ ପରିମାଣର ଆଳୁ ଗାଡ଼ି ଆସି ପାରୁନାହିଁ। ପଶ୍ଚିମବଙ୍ଗରେ ଚାଷୀଙ୍କ ସମସ୍ୟା ଏବଂ ଧର୍ମଘଟର ସମାଧାନ ହୋଇପାରୁନଥିବାରୁ ଓଡ଼ିଶାକୁ ଆଳୁ ପରିବହନ ସ୍ୱାଭାବିକ ହୋଇପାରୁନି। ଯାହାକିଛି ଗାଡ଼ି ଆସୁଛି ଗଳାବାଟ କିମ୍ବା ପୋଲିସକୁ ହାତଗୁଞ୍ଜା ଦେବାକୁ ପଡୁଥିବା ଅଭିଯୋଗ ଉଠିଛି। କଟକ ଛତ୍ରବଜାରକୁ ୨ ଦିନରେ ୯ଟି ଟ୍ରକ ଆସିବା ପରେ କମିଛି ଦର। କଟକରେ କେଜି ପିଛା ୩୦ରୁ ୪୦ ଟଙ୍କା ରହିଛି। ଆଉ ପଶ୍ଚିମବଙ୍ଗ ସୀମାନ୍ତ ଜଳେଶ୍ୱରରେ ଆଳୁ କେଜି ପିଛା ୪୦ ଟଙ୍କାରେ ବିକ୍ରି ହେଉଛି। ଉତ୍ତର ପ୍ରଦେଶରୁ ଆଳୁ ଆସିଲେ ମଧ, ବ୍ୟବସାୟୀଙ୍କୁ କେଜି ପିଛା କିଣା ପ୍ରାୟ ୨୭ ଟଙ୍କା ପଡିବ। ତେଣୁ ଖୁଚୁରା ବ୍ୟବସାୟୀଙ୍କ ପାଖରେ ଦାମ ସେହି ୩୦ରୁ ୩୨ ଟଙ୍କା ରହିବ।

### ନିଆଁ ଲଗାଇଲେ ଢାଲି, ଘିଅ...

ଅଡୁଆରେ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ଦଳୀୟ ନେତା ଉମା ସାମନ୍ତରାୟ। ଦଳ ନବୀନଙ୍କ ନେତୃତ୍ୱରେ ସଂପୂର୍ଣ୍ଣ ସୁଦୃଢ ଅଛି ବୋଲି କହିଛନ୍ତି ଉମା। ସେପଟେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ମୟୂରଭଞ୍ଜ ନେତ୍ରୀ ମମତାଙ୍କ ଅପ୍ରତ୍ୟାଶିତ ଇସ୍ତଫା ପରେ ବିଜେଡି ଆରମ୍ଭ କରିଛି କସରତ। ଆଜି ଶଙ୍ଖ ଭବନରେ ମୟୂରଭଞ୍ଜ ନେତା ଓ ବରିଷ୍ଠ ନେତାଙ୍କ ମଧରେ ବୈଠକ ହୋଇଥିବା ନେଇ ସୂଚନା ମିଳିଛି। ତେବେ ବୈଠକ ପରେ କୌଣସି ନେତା ମୁହଁ ଖୋଲି ନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ବିଜେଡି ବିଧାୟକ ଶୂନ୍ୟ ହେବା, ପରେ ପୁଣି ମମତାଙ୍କ ଝଟକା ଦଳକୁ ଉତ୍ତର ଓଡ଼ିଶାରେ ରସାତଳକୁ ପଠାଇଦେଇଛି। ରାଜନୈତିକ ସମୀକ୍ଷକଙ୍କ ମତରେ ବିଜେଡି ପୁନର୍ଗଠନ ଠିକ୍‌ରେ ନହେଲେ ଦଳ ଭୁଶୁଡ଼ିବା ସୁନିଶ୍ଚିତ। ଗୋଷ୍ଠୀ କନ୍ଦଳ ପାଇଁ ବିଜେଡିର ଦବଦବା କମୁଥିବା ଚର୍ଚ୍ଚା ହେଉଛି। କୁହାଯାଉଛି ଆଉ କିଛି ଜନପ୍ରତିନିଧି ଦଳ ଛାଡିବାକୁ ସଜବାଜ ହେଉଛନ୍ତି। ଏଭଳି ସ୍ଥିତିରେ ସୁପ୍ରିମୋ ଦଳକୁ କିପରି ସଂଗଠିତ କରୁଛନ୍ତି ତାଉପରେ ନଜର।

### ୱାୟନାଡରେ ପ୍ରକୃତିର...

ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି। ପ୍ରକାଶ ଥାଉକି, ଜୁଲାଇ ୨୯ ରାତିରେ ୱାୟନାଡର ପାହାଡିଆ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଏହା ପରେ ଭୂସ୍ଖଳନ ହେବାରୁ ପାଞ୍ଚଟି ଗାଁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ବିଧ୍ୱସ୍ତ ହୋଇ ଯାଇଛି। ଭୂସ୍ଖଳନ ସାଙ୍ଗକୁ ବନ୍ୟାରେ ଶତାଧିକ ଲୋକ ଭାସି ଯାଇଛନ୍ତି। ମୁଣ୍ଡାକ୍କାଇ ଏବଂ ଚୁରାଲମାଲାରେ ୩୦୦ରୁ ଅଧିକ ଘର ମାଟିରେ ମିଶି ଯାଇଥିବା କୁହାଯାଉଛି।

### ମମତାଙ୍କ ସ୍ଥାନରେ...

ଏହା ବାଦ ଦଳ ସରପ୍ରାଇଜ କାର୍ଡ ବି ଖେଳିପାରେ। ଏପରିକି ନିଜେ ମମତା ବି ବିଜେପିରୁ ରିପିଟ୍ ହୋଇପାରନ୍ତି। ତେବେ କାହା ନାଁ ରେ କେନ୍ଦ୍ରୀୟ କମିଟି ମୋହର ମାରୁଛି ତା ଉପରେ ନଜର । ସୂଚନା ଅନୁସାରେ ନିର୍ବାଚନ ପରେ ବିଜୁ ଜନତା ଦଳକୁ ବଡ଼ ଧକ୍କା ଲାଗିଛି । ବୁଧବାର ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଥିଲେ ବିଜେଡି ସାଂସଦ ମମତା ମହାନ୍ତ । ରାଜ୍ୟସଭା ସାଂସଦ ପଦ ସହ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ମଧ ସେ ଇସ୍ତଫା ଦେଇଥିଲେ । ଏ ନେଇ ସୋସିଆଲ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ନିଜେ ସୂଚନା ଦେଇଥିଲେ ମମତା ମହାନ୍ତ । ବିଜେଡି ଛାଡ଼ିବା ପରେ ଗତକାଲି ସେ ବିଜେପିରେ ଯୋଗ ଦେଇଥିଲେ । ବିଜେପି ଦିଲ୍ଲୀ ମୁଖ୍ୟାଳୟରେ ସାଧାରଣ ସଂପାଦକ ଅରୁଣ ସିଂହଙ୍କ ଉପସ୍ଥିତିରେ ପଦ୍ମ ଧରିଥିଲେ ମମତା । ଏହି ମିଶ୍ରଣ ପର୍ବରେ ଓଡ଼ିଶା ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ ।

# ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ଅରୁଣ ଦେଙ୍କ ସ୍ମୃତିସଭା



ରୂପସା, ୨/୮ (ନି.ପ୍ର): ରୂପସା ଝୋଟ କାରଖାନା ଶ୍ରମିକ ସଙ୍ଘ ପକ୍ଷରୁ ପୂର୍ବତନ ବିଧାୟକ ତଥା ଶ୍ରମିକ ସଂଘର ସଭାପତି ସ୍ୱର୍ଗତ ଅରୁଣ ଦେଙ୍କ ତୃତୀୟ ବାର୍ଷିକୀ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତିସଭାରେ ସଂଘର ସଭାପତି ଆଇନଜୀବି ଶାନ୍ତନୁ କୁମାର ଦାସ ଅଧକ୍ଷତା କରି ସ୍ୱର୍ଗତ ଦାଦା ବାଲେଶ୍ୱର ମାଟିର ବରପୁତ୍ର ଥିଲେ । ସେ କେବେ କାହାରି ସହ ସାଲିସ କରୁ ନଥିଲେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି କାରଖାନା ପରିଚାଳକ ହୃଷିକେଶ ରାଉତ, କାରଖାନା ଇନ ଚାର୍ଜ ସୁରେନ୍ଦ୍ର କୁମାର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ,ମୁଖ୍ୟ ଉପଦେଷ୍ଟା ଦେବବ୍ରତ ବିଶ୍ୱାଳ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ପୂର୍ବତନ ସମ୍ପାଦକ ହୃଷିକେଶ ମହାରଣା, ଆଚାର୍ଯ୍ୟ ବିଜୟ ଜୀ,ସାମ୍ବାଦିକ ବାଞ୍ଛାନିଧି ଦେ ପ୍ରମୁଖ ଯୋଗ ଦେଇ ଶ୍ରମିକ ନେତା ଅରୁଣ ଦେ ରାଜ୍ୟ ରାଜନୀତିରେ ଜଣେ ଆଦର୍ଶ ରାଜନେତା ଥିଲେ ବୋଲି ବକ୍ତବ୍ୟରେ କହିଥିଲେ । ସଂଘର ସାଧାରଣ ସମ୍ପାଦକ ରଜନୀକାନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପ ସଭାପତି ରଘୁନାଥ ସାହୁ, କୋଷାଧକ୍ଷ ଅନ୍ତର୍ଯ୍ୟାମୀ ମହାପାତ୍ର, ସହଯୋଗୀ ସମ୍ପାଦକ ଦୀପକ କୁମାର ପଣ୍ଡା,ନିମନ୍ତ୍ରିତ ସଂଗଠକ ରାଜେଶ କୁମାର ଗିରି,ସଂଗଠନ ସମ୍ପାଦକ ସନାତନ ପ୍ରଧାନ, ତପନ ସାହୁ, ରାଜେନ୍ଦ୍ର ଦାସ ଓ ନିରଞ୍ଜନ ଦାସ, ସହ ସମ୍ପାଦକ ଜଗନ୍ନାଥ ନାୟକ, ମନୋରଞ୍ଜନ ସିଂହ, ପ୍ରଦୀପ ଜେନା ଓ ସୁକୁମାର ବାରିକ, ବାଇନ ବେହେରା ପ୍ରମୁଖ ତାଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ଦେଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଚାରାରୋପଣ ସହ ଅତିଥିଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଶେଷରେ ଅନ୍ତର୍ଯ୍ୟାମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତ ଡ. ସଦାନନ୍ଦ ଅଗ୍ରୱାଲଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତିସଭା

ସୁବର୍ଣ୍ଣପୁର, ୨/୮ (ନି.ପ୍ର): ଡ. ସଦାନନ୍ଦ ଅଗ୍ରୱାଲ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ଲିପିତତ୍ତ୍ୱବିଦ, ମହିମାଧର୍ମର ଗବେଷକ, ଐତିହାସିକ ଥିବା ସହିତ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ସେ ଏହି ଅଂଚଳର ସାମାଜିକ, ସାଂସ୍କୃତିକ, ଧାର୍ମିକ ଅନୁଷ୍ଠାନ ଗୁଡିକର ଦିଗଦର୍ଶକ ଥିଲେ । ସେ ତାଙ୍କ ଜୀବନରେ କଲେଜ ପାଠ ପଢ଼ିବାର ସୁଯୋଗ ପାଇନଥିଲେ କିନ୍ତୁ ନିଜ ଅଧବସାୟ ବଳରେ ଅନେକଗୁଡିଏ ଗବେଷଣା ଲବ୍ଧ ପୁସ୍ତକ ରଚନା କରିଥିଲେ ଯାହାକି ବିଶ୍ୱବିଦ୍ୟାଳୟ ମାନଙ୍କରେ କ୍ଲାସ କୋର୍ସ ଭାବରେ ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି । ଡ. ଅଗ୍ରୱାଲ ମାତ୍ର ମାଟ୍ରିକ୍ ପଢିଥିଲେ ହେଁ ବିଶ୍ୱଭାରତୀ ଶାନ୍ତି ନିକେତନ, ଓଡିଶା ସଂସ୍କୃତି ବିଶ୍ୱ ବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନକୁ ଭିଜିଟିଙ୍ଗ ପ୍ରଫେସର ଭାବରେ ପାଠ ପଢାଇ ଯାଉଥିଲେ । ମୁଖ୍ୟତଃ ପୁରାତନ ଶିଳାଲିପି, ତାମ୍ରପତ୍ର ଇତ୍ୟାଦି ପାଠୋଦ୍ଧାରରେ ସେ ସିଦ୍ଧହସ୍ତ ଥିଲେ ବୋଲି ମହର୍ଷି ବୁଦ୍ଧରାମ ମହାବିଦ୍ୟାଳୟ ଠାରେ ଆୟୋଜିତ ସ୍ୱର୍ଗତ ଆଗ୍ରୱାଲଙ୍କ ୭ମ ତିରୋଧାନ ଦିବସରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ଏମ୍‌ବିର୍ଆ ଡିଗ୍ରୀ କଲେଜ ଓ ସଦାନନ୍ଦ ଅଗ୍ରୱାଲ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ମୃତିସଭାରେ କଲେଜ ପରିଚାଳନା କମିଟିର ସଭାପତି ବାଳଗୋପାଳ ପଣ୍ଡା ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥି ଭାବରେ ସୋନପୁ ଯୁବ ରେଡ୍‌କ୍ରସ୍ ସୋସାଇଟିର ଜିଲ୍ଲା ସଂଯୋଜକ ଉମାକାନ୍ତ ନାଗ, ଭୀମଭୋଇ ସମାଧିପୀଠ ଟ୍ରଷ୍ଟ ଖଲିଆପାଲିର ମେନେଜିଙ୍ଗ ଟ୍ରଷ୍ଟି ଛାତ୍ରଧାରୀ ଅଗ୍ରୱାଲ, ବଲାଙ୍ଗିର ମାରୱାଡି ସମ୍ମିଳନର ସଭାପତି ସଞ୍ଜୟ ଅଗ୍ରୱାଲ, ପାଇକବାହାଲ ପଂଚାୟତର ସରପଂଚ ଗଣନାଥ ସାହୁ ଓ ମୁଖ୍ୟବକ୍ତା ଭାବରେ ସୋହେଲା କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ଟେକଚନ୍ଦ ଦୃୱାନ ଯୋଗ ଦେଇଥିଲେ ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନବାଗତ ଛାତ୍ରଛାତ୍ରୀଙ୍କ ମେଳରେ ଉତ୍ସବ ମୁଖର ମେଘାସନ ମହାବିଦ୍ୟାଳୟ

ଉଦଳା , ୨/୮ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟରେ ଆଜି ଅଗଷ୍ଟ ୨ ତାରିଖ ଶୁକ୍ରବାର ଦିନ +୨ ଓ +୩ରେ ନାମ ଲେଖାଇଥିବା ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନବାଗତ ଛାତ୍ର ଛାତ୍ରୀ ମାନଙ୍କର ହସ ଖୁସି ଓ ନୂଆ ନୂଆ ସାଙ୍ଗ ମାନଙ୍କୁ ପାଖରେ ପାଇ ପରସ୍ପର ସହିତ ସମ୍ପର୍କ ସ୍ଥାପନ କରିବାର ମେଳ ମହାବିଦ୍ୟାଳୟ ପରିସରରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥିଲା । ଏହାପରେ ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଉକ୍ତ ସ୍ୱାଗତ ଉତ୍ସବରେ ଅଧକ୍ଷତା କରି କଲେଜ ଜୀବନର ପ୍ରଥମ ଦିନଟି କିପରି ଆନନ୍ଦ ଦେଇଥାଏ ଓ ଏହା ସାରା ଜୀବନ କିପରି ଭୁଲି ହୁଏ ନାହିଁ ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଈଶ୍ୱର ଚନ୍ଦ୍ର ପଣ୍ଡା, ପାଠ ପଢ଼ିବା ସହିତ ମହାବିଦ୍ୟାଳୟରେ ଥିବା ଜାତୀୟ ସମର ଶିକ୍ଷାର୍ଥୀ ବାହିନି, ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ଭାରତ ସ୍କାଉଟ ଗାଇଡ଼ରେ ଅଂଶ ଗ୍ରହଣ କରି ଏଥିରୁ ମିଳୁଥିବା ଲାଭ ଉଠାଇବାକୁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରେ ଅଧାପକ ବିଜୟ କୁମାର ନାୟକ, ପ୍ରାଧାପକ ନକୁଳ ଜେନା, ସରୋଜ କୁମାର ମହାନ୍ତି, ଅଧାପିକା ସାଗରିକା ପଣ୍ଡା ପ୍ରମୁଖ ବକ୍ତବ୍ୟ ମାଧମରେ ନିଜ ନିଜ କଲେଜ ଜୀବନର ଅନୁଭୁତି ବର୍ଣ୍ଣନା କରିଥିଲେ । ମୋଟା ମୋଟି ଭାବରେ ପିଲାଙ୍କ ହସ ଖୁସି ଓ କୋଳାହଳର ମାହୋଲ ମଧରେ ଆଜିର ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।




# ମୋହନ ସରକାରଙ୍କ ନିର୍ଦ୍ଦେଶରେ ବୁଲିଲା ବୁଲଡୋଜୋର



ଭଦ୍ରକ, ୨/୮ (ନି.ପ୍ର): ମୋହନ ମାଝୀଙ୍କ ନିର୍ଦ୍ଦେଶ ରେ ଆଜି ଭଦ୍ରକ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସହର ରେ ବୁଲିଲା ବୁଲଡୋଜର । ଦୀର୍ଘ ବର୍ଷ ଧରି ଭଦ୍ରକ ସହର ର ମୁଖ୍ୟତଃ କଚେରୀବଜ଼ାର ଓ ବିଭିନ୍ନ ଅଂଚଳ ଜବରଦଖଲ କାରୀଙ୍କ କବ୍ଜା ରେ ରହିଥିବା ବେଆଇନ ଜବରଦଖଲକୁ ଆଜି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରା ଯାଇଛି । ମୁଖ୍ୟତଃ ସହର ଭିତରେ ଅପତ୍ତିବିନ୍ଧା ନିକଟରେ ସରକାରୀ ଜମି କୁ ଅବରୋଧ କରି ଥିବା ଦୋକାନ ଘର ଗୁଡିକୁ ଆଜି ପ୍ରଥମ ଦିନରେ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ବୁଲଡୋଜର ମାଧମ ରେ ଚାଲିଛି ଭଙ୍ଗାରୁଜା । ଏହି ଉଚ୍ଛେଦ ପ୍ରକ୍ରିୟା ଆଗକୁ ଚାଲୁ ରହିବା ସହ ପ୍ରଭାବ ଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଅବରୋଧ ହୋଇଥିବା ସମସ୍ତ ବେଆଇନ ଘର କୁ ମଧ ଭଙ୍ଗା ଜିବ ବୋଲି କହୁଛନ୍ତି ଭଦ୍ରକ ସିଟି ଡ଼ିଏସପି ।

# ବାଙ୍ଗିରିପୋଷି ବିଧାୟିକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଲା ବିକାଶ କମିଟି ବୈଠକ

ବାରିପଦା, ୨/୮ (ନି.ପ୍ର): ମାନ୍ୟବର ବିଧାୟିକା, ବାଙ୍ଗିରିପୋଷି, ସୁଶ୍ରୀ ସଞ୍ଜଳି ମୁର୍ମୁଙ୍କ ଅଧକ୍ଷତାରେ ଶୁକ୍ରବାର ଦିନ ବାଙ୍ଗିରିପୋଷି ବ୍ଲକ ସମ୍ମିଳନୀ କକ୍ଷ ଠାରେ ସମସ୍ତ ଜିଲ୍ଲା ପ୍ରଶାସନରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଏକ ବିଧାନସଭା ନିର୍ବାଚନମଣ୍ଡଳୀ ବିକାଶ କମିଟିର ବୈଠକ ଅନୁଷ୍ଠିତ ହୋଇଛି। ।ଏହି ବୈଠକକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ପରିଚାଳନା କରିଥିବା ବେଳେ ସମସ୍ତ ଜିଲ୍ଲା ଅଧିକାରୀ ଏବଂ ବିଭାଗୀୟ ଅଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ । ସୂଚନା ଅନୁସାରେ, ଏହି ବୈଠକରେ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବ୍ଲକ ଏବଂ ତହସିଲ ତଥା ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ସରକାରୀ ଯୋଜନା ଏବଂ ଏହାର ଅଗ୍ରଗତି ବିଷୟରେ ଆଲୋଚନା ହୋଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ଅଂଚଳରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ଏବଂ ବିଭାଗ ଦ୍ୱାରା ଅନୁମୋଦିତ କାର୍ଯ୍ୟଗୁଡିକର ବିବରଣୀ ଦେବା ସହିତ ଏହାର ଅଗ୍ରଗତି ବିଷୟରେ ବିଶଦ ବିବରଣୀ ଦେଇଥିଲେ। ସେହି ପରିପ୍ରେକ୍ଷୀରେ, ମାନ୍ୟବର ବିଧାୟିକା ସୁଶ୍ରୀ ମୁର୍ମୁ, ସମସ୍ତ ତଥ୍ୟ କୁ ଆଲୋଚନା କରି ଏହାକୁ ତ୍ୱରାନ୍ୱିତ କରି ଏବଂ ସମସ୍ତ ସହଯୋଗରେ କାର୍ଯ୍ୟ କରିବାକୁ କହିଥିଲେ। ଏହି ବୈଠକରେ ଜଳସେଚନ, କୃଷି, ପର୍ଯ୍ୟଟନ, ରାଜସ୍ୱ, ପ୍ରାକୃତିକ ବିପର୍ଯ୍ୟୟ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ସାମାଜିକ ସୁରକ୍ଷା, ଶିଶୁ ବିକାଶ, ସୂଚନା ଓ ଲୋକସମ୍ପର୍କ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟ ବିଷୟରେ ଅବଗତ ହୋଇ ଆହୁରି କାର୍ଯ୍ୟକାରିତାକୁ ବଢାଇବା ପାଇଁ ଆଲୋଚନା କରିଥିଲେ । ଉକ୍ତ ବୈଠକରେ, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସମସ୍ତ ବ୍ଲକ ଯଥା କୁଲିଅଣା, ଶ୍ୟାମାଖୁଣ୍ଟା, ବାଙ୍ଗିରିପୋଷି ବ୍ଲକ ଏବଂ ତହସିଲ ତଥା ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ସମେତ, ଏହି ସଭାରେ ବାରିପଦା ବନଖଣ୍ଡ ବିଭାଗୀୟ ଅଧିକାରୀ ଶ୍ରୀ ଏ. ଉମା ମହେଶ, ବାରିପଦା ପିଏ ଆଇଟିଡିଏ ଉପସ୍ଥିତ ଥିଲେ।

# ରଶିଲଗାଇ ଯୁବକର ଆତ୍ମହତ୍ୟା ଅଭିଯୋଗ

ଘଟଗାଁ, ୨/୮ (ନି.ପ୍ର): ବେକରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହେଉଛି। ସୂଚନା ରୁ ଜଣାଯାଏ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଚକୁଆ ସାହି ର ବିର ନାଇକ ଙ୍କ ପୁଅ ରୁଦ୍ର କୁମାର ନାଇକ (୨୩) ପରିବାରିକ କଳହରୁ ଗୁରୁବାର ରାତିରେ ଗ୍ରାମ ନିକଟରେ ଥିବା ଆମ୍ବତୋଟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲା । ପରିବାର ଲୋକେ ଦେଖିବା ପରେ ପୋଲିସ କୁ ଖବର ଦେଇଥିଲେ । ଘସିପୁରା ପୋଲିସ ପହଂଚି ଶବ ଉଦ୍ଧାର କରି ତୁରନ୍ତ ଆନନ୍ଦପୁର ଡାକ୍ତରଖାନା କୁ ନେଇ ଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରିବାରରେ କୈଣସି ପ୍ରକାର ଝଗଡା ହୋଇଥିବା ଲୋକ କହୁଥିବା ବେଳେ ଆତ୍ମହତ୍ୟାର କାରଣ ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ମିଳିପାରିନାହିଁ । ତେବେ ପାରିବାରିକ କଳହକୁ କେନ୍ଦ୍ରକରି ଏପରି ଘଟିଥିବା ନେଇ ସନ୍ଦେହ କରାଯାଉଛି। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି କରିଛି ।

# ଅସରାଏ ବର୍ଷାରେ କୁଶଡିହା ଗାଁ ରାସ୍ତା ବେହାଲ



ବସ୍ତା, ୨/୮ (ନି.ପ୍ର): ବସ୍ତା ବ୍ଲକର ପତ୍ରଝଡା ପଞ୍ଚାୟତର କୁଶଡିହା ଗାଁର ଗଗନ ବେହେରାଙ୍କ ଘର ଠାରୁ ଦୀପ୍ତିକାନ୍ତ ବେହେରାଙ୍କ ଘର ପର୍ଯ୍ୟନ୍ତ ୱାର୍ଡ ନଂ ଏକ ରାସ୍ତାଟିର କେବେବି ଉନ୍ନତୀକରଣ କାର୍ଯ୍ୟ ହୋଇନଥିବାରୁ ପାଣି କାଦୁଅରେ ପରିପୂର୍ଣ୍ଣ ହୋଇ ବିପର୍ଯ୍ୟସ୍ତ ହୋଇପଡିଛି । ଅସରାଏ ବର୍ଷା ହେଲେ ଏହି ରାସ୍ତା ଉପରେ ପାଣି ଜମି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏହି ରାସ୍ତାରେ କେବେବି ମୋରମ ତ ଦୂରର କଥା, ମାଟି ଝୁଡିଏ ପଡି ନାହିଁ । ଫଳରେ ବର୍ଷାରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଛି । ପିଲାମାନେ ଅଙ୍ଗନବାଡି ଓ ସ୍କୁଲକୁ ଏହି ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟକର ହୋଇପଡିଛି । ଏହି ରାସ୍ତାରେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡି ଯିବା ସ୍ୱପ୍ନ ପାଲଟି ଯାଇଛି । ରାସ୍ତାର ଉନ୍ନତୀକରଣ ପାଇଁ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କଠାରେ ମଧ ଅଭିଯୋଗ କରିଛନ୍ତି । ମାତ୍ର କୌଣସି କାର୍ଯ୍ୟ ହେଉନିକ୍ଷ ଫଳରେ ଜନ ଅସନ୍ତୋଷ ଦାନା ବାନ୍ଧୁଛି । ଗ୍ରାମବାସୀଙ୍କ ସୁବିଧା ପାଇଁ ତୁରନ୍ତ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରାଯିବାକୁ ଦାବି ହେଉଛି ।

# ବଡ଼ସାହି ବିଧାୟକ ହେଲେ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ

ବେତନଟୀ, ୨/୮ (ନି.ପ୍ର): ବେତନଟୀ ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ସନାତନ ବିଜୁଳି ଙ୍କୁ ନୂଆ ଦାୟିତ୍ୱ ମିଳିଛି। ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ବଡସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ସୃଷ୍ଟି ହେବା ଠାରୁ ଲଗାତାର ଦୁଇଥର ବିଧାୟକ ହେବାରେ ଏକ ନୂଆ ରେକର୍ଡ ସୃଷ୍ଟି କରିବାରେ ବିଧାୟକ ସନାତନ ବିଜୁଳି ସକ୍ଷମ ହୋଇପାରିଥିଲେ । ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ବିଧାନସଭାରେ ବିରୋଧୀ ଦଳ ବିଧାୟକ ଭାବେ ଏବଂ ବର୍ତ୍ତମାନ ସରକାରର ବିଧାୟକ ଭାବେ ବିଧାନସଭାର ବିଭିନ୍ନ ଦିଗକୁ ନେଇ ବିଜୁଳିଙ୍କର କାର୍ଯ୍ୟ ଶୈଳୀରେ ବିରୋଧୀ ଦଳଙ୍କୁ ଘେରିବା ଏବଂ ବିରୋଧୀଙ୍କ ଆକ୍ରମଣରୁ ସରକାରଙ୍କୁ ସୁରକ୍ଷା ଦେଉଥିବାର ଅନେକ ନଜିର ରହିଛି। ଗୁରୁବାର ହୋଇଥିବା ଚିଠି ନଂ ଏଲଏମ ୨୭ /୨୦୨୪/ ୩୭୪୧ ମୂଳେ ବିଧାନସଭା ଷ୍ଟାଣ୍ଡିଂ କମିଟିର ଅଧକ୍ଷ ରୂପେ ଚୟନ ହୋଇଥିବାର ଜଣାଯାଇଛି । ଏହି ଷ୍ଟାଣ୍ଡିଙ୍ଗ କମିଟିରେ ତାଙ୍କ ସହ ଅନ୍ୟ ୧୧ଜଣ ବିଧାୟକ ସଦସ୍ୟ ଭାବେ ଚୟନ ହୋଇଥିବା ଜଣାଯାଇଛି କ୍ଷ ବଡସାହି ନିର୍ବାଚନ ମଣ୍ଡଳୀର ଦ୍ୱିତୀୟ ଥର ବିଧାୟକ ଭାବେ ଦାୟିତ୍ୱ ସହ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଭାବେ କାର୍ଯ୍ୟ କରିବାର ଗୁରୁ ଦାୟିତ୍ୱ ମିଳିଥିବାରୁ ବିଭିନ୍ନ ମହଲରୁ ସନାତନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହାସହ ସମଗ୍ର ଜିଲ୍ଲାର ୨୬ ଟି ଯାକ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଚାଲିଛି।



# ବାଲିରେ ପୋତି ହୋଇଥିବା ଜେସିବିକୁ ଜବତ କରି ପୋଲିସକୁ ହସ୍ତାନ୍ତର କଲା ମାଇନିଂ ବିଭାଗ

ନୀଳଗିରି , ୨/୮ (ନି.ପ୍ର): ନୀଳଗିରି ରାଜସ୍ୱ ବିଭାଗ ଅଧୀନରେ ଥିବା ବିଭିନ୍ନ ଲଘୁଖଣିଜ ସମ୍ପଦର ଦୈନନ୍ଦିନ ବେଆଇନ୍ ଭାବେ ଚୋରା ଚାଲାଣ ହେଉଥିବା ବେଳେ ଗତ ୩୦ତାରିଖରେ ପୁନ୍ଦାଳ ବାଲିଖାଦାନ ମଧରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ଏକ ଜେସିବି ମେସିନ ପୋତି ହୋଇଯାଇଥିବାର ଖବରପାଇ କାଂଶ ଆର. ଆଇ ଘଟଣା ସ୍ଥଳରେ ପହଞ୍ଚି ଜେସିବିକୁ ନିଜ ଆୟତ୍ତକୁ ନେଇଥିଲା। ପରେ ନୀଳଗିରି ତହସିଲଦାରଙ୍କୁ ରିପୋର୍ଟ କରିବା ପରେ ତହସିଲଦାର ଦିପ୍ତିମୟୀ ବେହେରା ନୀଳଗିରି ଥାନାକୁ ଜଣାଇବା ସହିତ ଏଫ୍. ଆଇ. ଆର୍ କରିଥିଲେ। ଯେହେତୁ ଏବେ ସମସ୍ତ ଖଣିଜ ସମ୍ପଦ ଦାୟିତ୍ୱ ମାଇନିଙ୍ଗ ବିଭାଗ ଅଧୀନରେ ରହିଛି ଘଟଣା ବିଷୟରେ ବାଲେଶ୍ୱର ମାଇନିଂ ବିଭାଗକୁ ଜଣାଇବା ପରେ ବିଭାଗ ତରଫରୁ ଉକ୍ତ ପୋତି ହୋଇଯାଇଥିବା ଜେସିବିକୁ କ୍ରେନ୍ ସାହାଯ୍ୟରେ ଉଠାଇବା ପରେ ବିଭାଗ ନିଜ ହେପାଜତକୁ ନେଇ ନୀଳଗିରି ପୋଲିସକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ତେବେ ଉକ୍ତ ମେସିନର ନମ୍ବର ଓ. ଆର -୨୫ବି -୮୩୮୯ଥିବା ବେଳେ ମାଲିକ ଭଦ୍ରକ ଜିଲ୍ଲା କଲେଇ ଅଞ୍ଚଳର ବାଇଧର ମହାରଣାଙ୍କ ପୁଅ ସନ୍ତୋଷ ମହାରଣା ବୋଲି ଜଣାଯାଇଛି। ଉକ୍ତ ଜେସିବି ମେସିନଟି ନୀଳଗିରି ପୋଲିସ ହେପାଜତରେ ଥିବା ବେଳେ ମେସିନ ମାଲିକ ଏପର୍ଯ୍ୟନ୍ତ ପହଞ୍ଚି ନଥିବା ସୂଚନା ରହିଛି। ତେବେ ଏଭଳି ବେଆଇନ୍ ଭାବେ ଚୋରା ବାଲି ଉତ୍ତୋଳନ କରୁଥିବାରୁ ବଡ ଧରଣର ଫାଇନ ଲାଗିପାରେ ବୋଲି ଜଣାପଡିଛି।



# ନିଟ୍ ଉପରେ ଠୋସ୍ ମେକାନିଜିମ ପାଇଁ 'ସୁପ୍ରିମ' ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨/୮ : ସୁପ୍ରିମକୋର୍ଟ ନିଟ ଉପରେ ଆଜି ବଡ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶରେ ପରୀକ୍ଷା ପାଇଁ ଠୋସ୍ ମେକାନିଜିମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଅଧକ୍ଷତାରେ ଗଠିତ ବେଂଚ କହିଛନ୍ତି ଯେ, ଛାତ୍ରଙ୍କ ଭଲ ପାଇଁ ପେପର ଲିକ୍ ପରି ଘଟଣା ବରଦାସ୍ତ କରାଯାଇପାରିବନାହିଁ । ସୁପ୍ରିମକୋର୍ଟ କହିଛନ୍ତି ଯେ, ନିଟରେ ସିଷ୍ଟମେଟିକ ବ୍ରିଚ ହୋଇନଥିଲା । ପେପର ଲିକ୍ କେବଳ ପାଟଣା ଓ ହଜାରିବାଗରେ ହୋଇଥିଲା । ଆମେ ସରକାରଙ୍କ ପକ୍ଷରୁ ନିଯୁକ୍ତ କମିଟି କାମର ପରିସର ନିର୍ଦ୍ଧାରିତ କରିଥିଲୁ । ଏହାର ପରିସରରେ ଏକଜାମ ସିକ୍ୟୁରିଟି ଓ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରକ୍ରିୟା ନିର୍ଦ୍ଧାରଣ କରିବାକୁ ପଡିବ, ଯେଉଁଥିରେ ପରୀକ୍ଷା ସେଂଟର ଆଲଟ କରିବାର ପ୍ରକ୍ରିୟା ସମୀକ୍ଷା, ପରୀକ୍ଷା ସେଂଟରର ସିସିଟିଭି ମନିଟରିଂ, ପେପରରେ ଅନିୟମିତତା ନହେବା ଏହା ସୁନିଶ୍ଚିତ କରିବା ଓ ଅଭିଯୋଗର ନିବାରଣର ବ୍ୟବସ୍ଥା ନିର୍ଦ୍ଧାରଣ କରିବା ।

# ଭାରତ- ମ୍ୟାଂମାର ସୀମାରୁ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ

ଇମ୍ଫାଲ, ୨/୮ (ନି.ପ୍ର): ମଣିପୁରରେ ଭାରତ- ମ୍ୟାଂମାର ସୀମାରୁ ସୁରକ୍ଷାବଳ କାଂଗପୋକପି ଜିଲ୍ଲାରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଓ ଗୋଳା ବାରୁଦ ଜବତ ହୋଇଛି । ମଣିପୁର ପୋଲିସ ଶୁକ୍ରବାର ଏନେଇ ସୂଚନା ଦେଇ କହିଛି ଯେ, ସୀମାବର୍ତି ସମ୍ବେଦନଶୀଳ ଅଂଚଳରେ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେସନ ବେଳେ ୧୨ ବୋର ର ସ୍ଥାନୀୟ ରାଇଫଲ, ଗୋଟିଏ ୨୨ ଅସଲ୍ଟ ରାଇଫଲ (ସ୍ଥାନୀୟ ନିର୍ମିତ) ମେଗଜିନ ସହିତ, ଗୋଟିଏ ୭.୬୨ ମି.ମି. ଏସକେଏସ ସେମି- ଅଟୋ ଅସଲ୍ଟ ରାଇଫଲ ମେଗଜିନ ସହିତ, ୯ଟି ଜୀବନ୍ତ ଗୁଳି, ୨୬ଟି ଖାଲି ଡବା ଗୋଳାବାରୁଦ, ଏକ ସ୍ଥାନୀୟ ନିର୍ମିତ ବୋମା, ଏକ ୱାକିଟକି ୱାରଲେସ ସେଟ, କାଂଗପୋକପି ଜିଲ୍ଲାର ସୀମାବର୍ତୀ ଅଂଚଳରୁ ଜବତ କରିଛି ।


# ଜିଲ୍ଲା ବିଜେପି ପକ୍ଷରୁ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲେଶ୍ୱର, ୨/୮ (ନି.ପ୍ର): ଆଜି ଅପରାହ୍ନରେ ଜିଲ୍ଲା ବିଜେପି ଓ ଯୁବ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଖାଉଟି କଲ୍ୟାଣ ଓ ବିଜ୍ଞାନ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ତାଙ୍କ ବାରିପଦା ଗସ୍ତ କରିବା ସମୟରେ ଖନ୍ତାପଡ଼ା ସ୍ଥିତ ମାଆ ଦାଣ୍ଡକାଳୀ ମନ୍ଦିର ଠାରେ ସ୍ୱାଗତ କରାଯାଇଛି। ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ବିଜେପି ଉପ ସଭାପତି କମଲ ଲୋଚନ ଦାସ, ସମ୍ପାଦକ ବିଜୟ ସାହୁ, ଅଜିତ କୁମାର ପାଢ଼ୀ, ପରମାନନ୍ଦ ମହାପାତ୍ର, ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର, ଜିଲ୍ଲା ଗଣମାଧ୍ୟମ ସହସଂଯୋଜକ ରଣଜିତ୍ ପୃଷ୍ଟି, ସମ୍ପାଦକ ସୌମ୍ୟଜିତ ଦାସ ମହାପାତ୍ର, କୋଷାଧକ୍ଷ ସୁରଝଙ୍କାର ସେଠୀ, କୃଷକମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ସ୍ଥାନୀୟ ସରପଞ୍ଚ ଜସମତି ମହାଳିକ, ସାମାଜିକ ଗଣମାଧମ ସଂଯୋଜକ ସୁମନ୍ତ ମହାଳିକ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ରଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥଲେ। ଏହାପରେ ମନ୍ତ୍ରୀ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ମାଆଙ୍କ ପୂଜାର୍ଚ୍ଚନା କରି ରାଜ୍ୟର ମଙ୍ଗଳକାମନା କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହି ସ୍ୱାଗତ କରିବା ସହ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥଲେ।



# ବାଲିଆପାଳ ମାର୍କେଟରେ ମାଛ ଶସ୍ତା, ପରିବା ଦର ଅଧିକ

ବାଲିଆପାଳ/ଲଙ୍ଗଳେଶ୍ୱର, ୨/୮ (ନି.ପ୍ର): ବାଲିଆପାଳ ବ୍ଲକର ସିମୁଳିଆ, କାଳିପଦା, ଲଙ୍ଗଳେଶ୍ୱର, ପଞ୍ଚୁ ପାଲି ଆଦି ବଡ଼ ବଡ଼ ମାର୍କେଟରେ ଏବେ ପରିବା ଦର ଆକାଶ ଛୁଆଁ ହୋଇ ଥିବା ବେଳେ ଉଭୟେ ମଧୁର ଓ ଲୁଣି ଜଳ ମାଛ ଶସ୍ତା। ପରିବା ଦର ଅଧିକ ହୋଇ ଥିବାରୁ ନିରାମିଷ ଭୋଜନ କରୁଥିବା ଲୋକମାନଙ୍କ ଚିନ୍ତା ବଢ଼ି ଯାଇଛି। ବାଲିଆପାଳର ସୁବର୍ଣ୍ଣ ରେଖା ନଦୀ ଅବବାହିକା ଦୋରସା ପଟୁ ମାଟିରେ ପ୍ରଚୁର ପରିମାଣରେ ପରିବା ଚାଷ ହୋଇ ଥାଏ। ମାତ୍ର ଜନ ପ୍ରତିନିଧିଙ୍କ ଉଦାସୀନତା ଯୋଗୁଁ ଅଦ୍ୟାବଧି ଗୋଟିଏ ହେଲେ ବି ଶୀତଳ ଭଣ୍ଡାର ହୋଇ ପାରିଲା ନାହିଁ। ଫଳରେ ଚାଷୀ ଉତ୍ପାଦିତ ପରିବା କୁ ଅମଳ ସମୟରେ ସ୍ୱଳ୍ପ ମୂଲ୍ୟରେ ବିକିବାକୁ ବାଧ ହୁଏ। ଶୀତଳ ଭଣ୍ଡାର ଥିଲେ ଆଜି ହୁଏତ ଚଢା ଦରରେ ପରିବା କିଣିବାକୁ ପଡୁ ନ ଥାନ୍ତା। ରବି ଋତୁରେ ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିରା,ଘଣ୍ଟୁଆ ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, ଡଗରା ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ଆଳୁ, ଦେଶୀ ପିଆଜ, ବିଲାତି ବାଇଗଣ, କୋବି, ଗାଜର, ବାଇଗଣ, ଲଙ୍କା ଆଦି ଉତ୍ପନ୍ନ ହୁଏ। ତାହାଛଡା ନଦୀ ଅବବାହିକାରେ ଗହମ, ବିରି, ମୁଗ, ଧନିଆଁ, ସୋରିଷ ଆଦି ମଧ ଉତ୍ପାଦିତ ହୁଏ। ନଦୀ ଓ ବଙ୍ଗୋପ ସାଗର ଉପକୂଳରେ ପ୍ରଚୁର ପରିମାଣରେ ଚିନା ବାଦାମ ମଧ୍ୟ ଉତ୍ପାଦିତ ହୁଏ। ଶୀତଳ ଭଣ୍ଡାର ନ ଥିବାରୁ ଏବେ ପରିବା ପାଇଁ ପଡୋଶୀ ପଶ୍ଚିମ ବଙ୍ଗ, ଝାଡାଖଣ୍ଡ, ଆନ୍ଧ୍ର, ମଧ ପ୍ରଦେଶ, ଉତ୍ତର ପ୍ରଦେଶ ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏବେ ଉପରୋକ୍ତ ମାର୍କେଟରେ କୌଣସି ପରିବା ପଚାଶ ଟଙ୍କାରୁ କମ ନାହିଁ। ତରକାରୀ କଦଳୀ, ବିଲାତି ବାଇଗଣ ତ ଆକାଶ ଛୁଆଁ। ତେବେ ମାର୍କେଟରେ ମାଛ ଦର ତୁଳନାତ୍ମକ ଭାବେ କମ ଦାମ ହୋଇ ଥିବାରୁ ଏ ଅଞ୍ଚଳର ଲୋକମାନେ ଅପାତତଃ ଆଶ୍ୱସ୍ତ ରହି ଛନ୍ତି। କେବଳ ଇଲିସି ମାଛକୁ ଛାଡି ଦେଲେ ପ୍ରାୟେ ସବୁ ପ୍ରକାର ମାଛ ଦାମ କମ ରହିଛି। ଚିଙ୍ଗୁଡ଼ି ମାଛ ଏ ଅଞ୍ଚଳରେ ଅଧିକ ଉତ୍ପାଦିତ ହୁଏ। ଚିଙ୍ଗୁଡ଼ି ବାହାରକୁ ରପ୍ତାନି ହେଉ ଥିଲେ ବି ମାର୍କେଟରେ ଦର ଅପେକ୍ଷା କୃତ କମ ରହିଛି। ମାତ୍ର ଉନ୍ନତ କିସମର ମାଛ ଉତ୍ପାଦନ କେନ୍ଦ୍ର ଏଠାରେ ନ ଥିବାରୁ ଲୋକେ ପଡୋଶୀ ପଶ୍ଚିମ ବଙ୍ଗ ଉପରେ ନିର୍ଭର ଶୀଳ। ନିକଟରେ ପଶ୍ଚିମ ବଙ୍ଗ ସରକାର ଆଳୁ ଓଡିଶାକୁ ନ ଛାଡିବାରୁ ଆଳୁ ଦର ଚଢା ହୋଇ ଥିଲା। ନିର୍ବାଚିତ ଜନ ପ୍ରତିନିଧି ଏଥି ପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo